## ସଂକ୍ଷେପରେ

### ଏମ୍‌କେସିଜି ଅକ୍ସିଜେନ ପାଇପରୁ ତାର ଚୋରି
### ଆଇଟିଆଇ ଛାତ୍ରଙ୍କ ସମେତ ୨ ଗିରଫ

**ବ୍ରହ୍ମପୁର ଅଫିସ,୧୩।୭:** ଏମ୍‌କେସିଜି ମେଡିକାଲ ପରିସରରେ ଥିବା ନିୟୁ ସୁପର ସ୍ପେସାଲିଟି ବ୍ଲକ ଦେଇ ଯାଇଥିବା ଅକ୍ସିଜେନ ପାଇପ କାଟି ତାର ଚୋରି ଅଭିଯୋଗରେ ମେଡିକାଲ ଫାଣ୍ଡି ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଖୋଡାସିଂର ମନୋଜ ସେଠୀ (୧୯) ଓ ଅନ୍ୟଜଣେ ଆଇଟିଆଇ ଛାତ୍ର ବୋଲି ଫାଣ୍ଡି ଅଧିକାରୀ ଜନ୍ମେଜୟ ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟ ଜଣେ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ କବାଡିବାଲା ସେବାଲାଲ ଗୁପ୍ତା (୪୯) ଗିରଫ ହୋଇଛନ୍ତି। ଜେରା ବେଳେ ମନୋଜ ପୂର୍ବରୁ ୨ ଥର ସେଠାରୁ ଅକ୍ସିଜେନ ପାଇପ କାଟି ତାର ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ନଂ. ୧୩୨/୧୯ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୧୦ ତାରିଖ ରାତିରେ ମେଡିକାଲ ପରିସରରୁ ପୁଣି ଥରେ ଅକ୍ସିଜେନ ତାର ଚୋରି ହେବା ପରେ ଏଷ୍ଟାବ୍ଲିସମେଣ୍ଟ ଅଫିସର ଅର୍ଜୁନ କୁଡୁମ୍ବ ମେଡିକାଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ପ୍ରଥମେ ମନୋଜଙ୍କୁ ଧରିଥିଲା। ପରେ ତାଙ୍କ ବୟାନକୁ ଆଧାର କରି କବାଡିବାଲାଙ୍କୁ ଗିରଫ କରିଥିଲା ବୋଲି ପୋଲିସ କହିଛି। କବାଡିବାଲାଙ୍କଠାରୁ ପୋଲିସ ୨ କେଜି ତମ୍ବା ତାର ଜବତ କରିଛି।

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି, ୧୩।୭ (ସ୍ୱ.ପ୍ର.):** ଗଜପତି ଜିଲାର ଗୋଷାଣୀ ଠାରେ ଶନିବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଅପରାହ୍ନ ସାଢେ ୩ଟାରେ ଗୋଷାଣୀ ବ୍ଲକ ଗାରବନ୍ଧ ଥାନା ଅନ୍ତର୍ଗତ ଏସ୍. ଶୋବରା ଗ୍ରାମର ଭାସ୍କର ପ୍ରଧାନ(୧୮) ନିଜ ଜମିରେ ମାମୁଙ୍କ ସହ ଠିଆ ହୋଇଥିବା ସମୟରେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ଭାସ୍କର ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଗାରବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଗାରବନ୍ଧ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

■ ଯୁକ୍ତ ୨ ନାମଲେଖା

# ପ୍ରକାଶ ପାଇଲା ଦ୍ୱିତୀୟ ମେଧା ତାଲିକା

ବ୍ରହ୍ମପୁର ଅଫିସ,୧୩।୭

ଯୁକ୍ତ ୨ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଶନିବାର ପ୍ରକାଶ ପାଇଛି। କଟ୍‌ଅଫ୍ ଉଭୟ ବିଜ୍ଞାନ ଏବଂ ବାଣିଜ୍ୟ ବିଷୟରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଜିଲାରେ ଟପ୍‌ରେ ରହିଛି । ଏଠାରେ ବିଜ୍ଞାନରେ କଟ୍ ଅଫ୍ ମାର୍କ ୮୭.୧୭ପ୍ରତିଶତ ଏବଂ ବାଣିଜ୍ୟରେ କଟ୍ ଅଫ୍ ମାର୍କ ୬୫.୧୭ପ୍ରତିଶତ ରହିଛି । ସେହିଭଳି କଳାରେ ଟପ୍‌ରେ ରହିଛି ବ୍ରହ୍ମପୁର ଶଶୀ ଭୂଷଣ ରଥ ମହିଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ଏଠାରେ କଳାରେ କଟ୍ ଅଫ୍ ମାର୍କ ରହିଛି ୫୮.୫୦ ପ୍ରତିଶତ । ତେବେ ପ୍ରଥମ ପର୍ଯ୍ୟାୟ ଏବଂ ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ଭିତରେ ବିଶେଷ ଫରକ୍ ଦେଖିବାକୁ ମିଳିନି। ମାତ୍ର ତିନିରୁ ପାଞ୍ଚ ପ୍ରତିଶତ ଭିତରେ ହିଁ ଫରକ୍ ରହିଛି । ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ମଧ୍ୟ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ବିଜ୍ଞାନ ଏବଂ କଳା ବିଷୟରେ ଶଶୀ ଭୂଷଣ ରଥ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲାରେ ସର୍ବାଧିକ କଟ୍ ଅଫ୍ ମାର୍କ ରଖିଥିଲା । ଗୋପାଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଣିଜ୍ୟରେ ସର୍ବାଧିକ କଟ୍ ଅଫ୍ ମାର୍କ ରଖିଥିଲେ ମଧ୍ୟ ମାତ୍ର ଜଣେ ଆବେଦନ କରିଥିଲେ । ସେ ପରବର୍ତ୍ତୀ ସମୟରେ ନାମଲେଖାଇ ନ ଥିବା ଯୋଗୁ ସିଟ୍ ଖାଲି ପଡ଼ିଛି । କେହି ଜଣେ ମଧ୍ୟ ନାମଲେଖାଇ ନାହାନ୍ତି । ତେବେ କେତେକ କଲେଜରେ କେହି ଆବେଦନକାରୀ ନ ଥିବା ଯୋଗୁ କଟ୍ ଅଫ୍ ମାର୍କ ପ୍ରକାଶ ପାଇନାହିଁ । ଆସିକା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଏବଂ ବାଣିଜ୍ୟରେ କେହି ଆବେଦନକାରୀ ନ ଥିବା ଯୋଗୁ କଟ୍ ଅଫ୍ ମାର୍କ ପ୍ରକାଶ ପାଇନାହିଁ। ବ୍ରହ୍ମପୁର ମହାମାୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଗୋପାଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଣିଜ୍ୟ ବିଭାଗରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି । ଦ୍ୱିତୀୟ ପର୍ଯ୍ୟାୟରେ ଯୋଗ୍ୟ ଛାତ୍ରୀଛାତ୍ରମାନେ ୧୫ରୁ ୧୭ତାରିଖ ମଧ୍ୟରେ ନାମ ଲେଖାଇବେ ।

ଚଳିତ ବର୍ଷ ଗଞ୍ଜାମ ଜିଲାର ୧୩୧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୪୨ହଜାର ୬୯୦ ସିଟ୍ ପାଇଁ ନାମ ଲେଖା ହେଉଛି । ପ୍ରଥମ ପର୍ଯ୍ୟାୟରେ ମୋଟ ୨୬ହଜାର ୯୭୭ଜଣ ନାମ ଲେଖାଇଥିବା ବେଳେ ଆହୁରି ୧୫ହଜାର ୭୧୩ ସିଟ୍ ଖାଲି ପଡ଼ିଛି । କଳାରେ ୧୯ହଜାର ୭୭୭ ସିଟ୍ ଥିବା ବେଳେ ୧୬ହଜାର ୩୪୧ଜଣ ନାମ ଲେଖାଇଛନ୍ତି । ୩ ହଜାର ୪୩୬ ସିଟ୍ ଖାଲି ପଡ଼ିଛି। ବିଜ୍ଞାନରେ ୧୬ହଜାର ୯୨୯ ସିଟ୍ ଥିବା ବେଳେ ୮,୨୧୭ଟି ସିଟ୍ ପୂରଣ ହୋଇଛି । ୮,୭୧୨ ସିଟ୍ ଖାଲି ପଡ଼ିଛି । ବାଣିଜ୍ୟରେ ୫, ୧୮୪ସିଟ୍ ରହିଛି । ସେଥିରୁ ୨ହଜାର ୯୨ ସିଟ୍ ପୂରଣ ହୋଇଥିବା ବେଳେ ୩୦୯୨ ସିଟ୍ ଖାଲି ପଡ଼ିଛି । ସଂସ୍କୃତରେ ୩୨୦ ସିଟ୍ ଥିବା ବେଳେ ୧୬୭ ପୂରଣ ହୋଇଛି। ୧୫୩ ସିଟ୍ ଖାଲିପଡ଼ିଛି। ଧନ୍ଦାମୂଳକ ଶିକ୍ଷାରେ ୪୮୦ ସିଟ୍ ରହିଛି । ସେଥିରୁ ୧୬୦ ପୂରଣ ହୋଇଥିବା ବେଳେ ୩୨୦ ସିଟ୍ ଖାଲିପଡ଼ିଛି ।

**ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ(ପ୍ରତିଶତ)**

| ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | କଳା | ବିଜ୍ଞାନ | ବାଣିଜ୍ୟ |
|---|---|---|---|
| ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୫୫.୦୦ | ୮୦.୦୦ | ୬୦.୦୦ |
| ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୭.୦୦ | ୩୮.୦୦ | ୩୬.୫୦ |
| ଏସ୍‌ବିଆର୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୫୮.୫୦ | ୭୬.୫୦ | ୬୦.୬୭ |
| ମହାମାୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୬.୩୩ | ୫୭.୮୦ | ୦୦ |
| ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର | -- | ୮୭.୧୭ | ୬୫.୧୭ |
| ହିଞ୍ଜିଳିକାଟୁ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୫୪.୦୦ | ୭୦.୩୩ | ୪୦.୫୦ |
| ଆସିକା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୬.୫୦ | ୦୦ | ୦୦ |
| କେଏସ୍‌ୟୁବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୧.୮୩ | ୫୧.୧୭ | ୩୭.୦୦ |
| ଖଲ୍ଲିକୋଟ ଆର୍‌ସିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୫୩.୦୦ | ୬୦.୦୦ | ୩୫.୩୩ |
| ଛତ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୪୫.୫୦ | ୪୪.୬୭ | ୦୦ |
| ଗୋପାଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୩୧.୮୬ | ୪୦.୦୦ | ୦୦ |

■ବିଜ୍ଞାନ, ବାଣିଜ୍ୟରେ ନୀଳକଣ୍ଠନଗର ଏସ୍‌ଭିଏମ୍

■କଳାରେ ଏସ୍‌ବିଆର୍ କଲେଜ ସର୍ବାଧିକ

## ଓଏଲ୍‌ଏମ୍‌ର ଏମ୍‌ବିକେ, ସିଆରପି ସଂଘ ବୈଠକ

ଛତ୍ରପୁର,୧୩।୭(ଡି.ଏନ.ଏ.)

ଗଞ୍ଜାମ ଜିଲାସ୍ତରୀୟ ଓଡିଶା ଜୀବିକା ମିଶନ ଅଧୀନରେ କାର୍ଯ୍ୟରତ ଦକ୍ଷ ନଥିପତ୍ର ପରିଚାଳିକା (ଏମ୍‌ବିକେ) ଓ ଗୋଷ୍ଠୀ ସାଧନ ସହାୟିକା (ସିଆରପି) ମାନଙ୍କର ଏକ ବୈଠକ ଶନିବାର ଛତ୍ରପୁରସ୍ଥିତ କଳିଙ୍ଗ ବୈଶ୍ୟ ସଂଘ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଂଘ ସଭାପତି ନିରୁପମା ନାୟକ ଓ ସମ୍ପାଦିକା ମନୋରମା ମହନ୍ତ ଯୋଗଦେଇଥିଲେ। ଏହି ଅବସରରେ ଜିଲାସ୍ତରୀୟ କର୍ମକର୍ତ୍ତା ଚୟନ ହୋଇଥିଲା । ଜିଲା ଏମ୍‌ବିକେ ସଂଘ ସଭାପତି ଭାବେ ଲିଲି ବେହେରା ଓ ସମ୍ପାଦିକା ମମତା ସାବତ ମନୋନୀତ ହୋଇଥିଲେ। ସେହିପରି ଜିଲା ସିଆରପି ସଂଘ ସଭାପତି ସବିତା ପାତ୍ର ଓ ସମ୍ପାଦିକା ସଂଯୁକ୍ତା ଦାସ ମନୋନୀତ ହୋଇଛନ୍ତି। ଓଡିଶା ଜୀବିକା ମିଶନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଛତ୍ରପୁର ବ୍ଲକ ଏମ୍‌ବିକେ ସଂଘ ସଭାପତି ସଂଯୁକ୍ତା ସାହୁ ଓ ସମ୍ପାଦିକା ଏନ୍. ପୁଷ୍ପା, ସିଆରପି ସଂଘ ସଭାପତି ପ୍ରତିମା ମହାରଣା ଓ ସମ୍ପାଦିକା ରାଜେଶ୍ୱରୀ ରେଡ୍ଡୀ ଉପସ୍ଥିତ ଥିଲେ ।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ବ୍ରହ୍ମପୁର ଅଫିସ,୧୩।୭

ସଦର ଥାନା ଅନ୍ତର୍ଗତ ବାଳକୃଷ୍ଣପୁର ଛକ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ଗୁରୁତର ଆହତ ହୋଇଥିବା ଜଣେ ଯୁବକଙ୍କର ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ଜଣକ ଦିଗପହଣ୍ଡି ଥାନା ଅନ୍ତର୍ଗତ ମୋହଡା ନୂଆସାହିର ନିରଞ୍ଜନ ନାହାକ (୩୦)। ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିଛି। ନଂ.୧୭୦/୧୯ରେ ଏକ ମାମଲା ରୁଜୁ କରିବା ସହ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗିରଫ କରିଥିବା କହିଛି।

ଶୁକ୍ରବାର ସନ୍ଧ୍ୟାରେ ନିରଞ୍ଜନ ଏକ ବାଇକ୍‌ରେ କାଳୁଆରୁ ବ୍ରହ୍ମପୁର ଦେଇ ଘରକୁ ଫେରୁଥିଲେ। ବାଳକୃଷ୍ଣପୁର ଛକରେ ସାମ୍ନାପଟୁ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ବାଇକ୍‌ଟିକୁ ଧକ୍କା ଦେଇଥିଲା। ନିରଞ୍ଜନ ବାଇକ୍‌ରୁ ଖସି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନିରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଟ୍ରାକ୍ଟର ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଉକ୍ତ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସେଠାରେ ହମ୍ପସ୍ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

■ସୋଲାର ଏନର୍ଜିରେ ସୁସ୍ଥ ପରିବେଶ ବାର୍ତ୍ତା ନେଇ ଭାରତ ଭ୍ରମଣ

## ବ୍ରହ୍ମପୁରରେ ପହଞ୍ଚିଲେ ୪ ଜଣିଆ ଦଳ

ବ୍ରହ୍ମପୁର ଅଫିସ,୧୩।୭

■୬୦ ଦିନରେ ସୋଲାର ଅଟୋରେ ବୁଲିବେ ୬୦୦୦ କି.ମି.

■ବିଏମ୍‌ସିରେ ଟିମ୍‌କୁ ସ୍ୱାଗତ ସମ୍ବର୍ଦ୍ଧନା



କମିଶନର ଭାରତ ଭ୍ରମଣରେ ବାହାରି ଥିବା ଟିମ୍‌କୁ ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି ।

ପରିବେଶ ପ୍ରଦୂଷଣ ଏବେ ସାରା ବିଶ୍ୱ ପାଇଁ ଏକ ମୂଳ ସମସ୍ୟା ଭାବେ ଉଭା ହୋଇଛି । ବିଦ୍ୟୁତ୍ ଓ ଇନ୍ଧନ ଶକ୍ତିର ଅପଚୟ ରୋକିବା ଏବଂ ଅସରନ୍ତି ଶକ୍ତି ତଥା ସୋଲାର ଏନର୍ଜିର ବିନିଯୋଗ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ସୋଲାର ଏନର୍ଜିର ବ୍ୟବହାର ଓ ଏହାଦ୍ୱାରା ସୁସ୍ଥ ପରିବେଶ ସୃଷ୍ଟି କରିବା ଦିଗରେ ସଚେତନତା ସୃଷ୍ଟି ନେଇ ଏକ ଟିମ୍ ଭାରତଭ୍ରମଣରେ ବାହାରିଛନ୍ତି। ଜୁନ ୨୫ରେ ବାଙ୍ଗାଲୋରରୁ ଏକ ସୋଲାର ଚାଳିତ ଓଟୋରିକ୍ସାରେ ୪ ଜଣିଆ ଟିମ୍ ଯାତ୍ରା ଆରମ୍ଭ କରି ଭାରତର ବିଭିନ୍ନ ସହର ପରିକ୍ରମା କରିବା ପରେ ଶନିବାର ବ୍ରହ୍ମପୁରରେ ପହଞ୍ଚିଛନ୍ତି । ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଏହି ଟିମ୍‌କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ବିଦ୍ୟୁତ୍ ଶକ୍ତି ସଂରକ୍ଷଣ ପାଇଁ ସୋଲାର ଏନର୍ଜିର ବିନିଯୋଗ କରିବା ଦିଗରେ ବିଏମ୍‌ସି ପକ୍ଷରୁ ମଧ୍ୟ ବହୁ ପଦକ୍ଷେପ ନିଆଯାଇଛି। ନିଗମ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ସୋଲାର ସେଲ୍ ସହ ସଂଯୋଗ କରାଯିବାକୁ ନେଇ ସହରର ୧୦ ବସ୍‌ଷ୍ଟପ, ୧୨ ଶୌଚାଳୟରେ ମଧ୍ୟ ସୋଲାର ସଂଯୋଗ ଉପରେ ପଦକ୍ଷେପ ନିଆଯାଇଥିବା ସେ ସୂଚାଇଥିଲେ । ଆଗାମୀ ଦିନରେ ସୋଲାର ଚାଳିତ ଅଟୋ ରିକ୍ସା ତଥା ଯାନବାହନ ଚଳାଚଳ ଦିଗରେ ମଧ୍ୟ ପଦକ୍ଷେ ନିଆଯିବା ନେଇ କମିଶନର ସୂଚନା ଦେଇଥିଲେ । ମିଳିଥିବା ସୂଚନାପ୍ରକାରେ, ସନପେଡାଲ ରାଇଟ ନାମରେ ଏକ ୪ ଜଣିଆ ଟିମ୍ ସୋଲାର ଏନର୍ଜିର ବିନିଯୋଗରେ ଯାନବାହନ ଚଳାଚଳ ଦ୍ୱାରା ପ୍ରଦୂଷଣ ମୁକ୍ତ, ସୁସ୍ଥ ପରିବେଶ ଗଠନ ଦିଗରେ ସଚେତନତା ସୃଷ୍ଟି କରିବା ନେଇ ସାରା ଭାରତ ଭ୍ରମଣରେ ବାହାରିଛନ୍ତି । ଟିମ୍‌ରେ ଥିବା ସୁଶୀଲ ରେଡ୍ଡୀ, ପଲ୍ଲବୀ ସିଦ୍ଧାନ୍ତ, ରୁତବିକ ଆରୟା ଓ ସୁଧୀର ଲେଖାଲା ପ୍ରମୁଖ ବାଙ୍ଗାଲୋରରୁ ଏହି ସଚେତନତା ଯାତ୍ରାରେ ବାହାରି ମୁମ୍ବାଇ, ଦିଲ୍ଲୀ, ଗୁଜରାଟ, ରାଜସ୍ଥାନ, ଉତ୍ତର ପ୍ରଦେଶ, ଝାଡଖଣ୍ଡ, ପଶ୍ଚିମବଙ୍ଗର ବିଭିନ୍ନ ସହରର ପରିକ୍ରମା କରିଛନ୍ତି । ଓଡିଶାର ଭୁବନେଶ୍ୱର, ବାଲେଶ୍ୱର ଓ ଯାଜପୁର ସହର ପରିକ୍ରମା ପରେ ଶନିବାର ବ୍ରହ୍ମପୁରରେ ପହଞ୍ଚିଥିଲେ। ଟିମ୍‌ର ଏହି ସଚେତନତା ଯାତ୍ରା ଆସନ୍ତା ୨୪ରେ ବାଙ୍ଗାଲୋରରେ ଶେଷ ହେବ। ଏହି ୬୦ ଦିନ ମଧ୍ୟରେ ପ୍ରାୟ ୬୦୦୦ କି.ମି. ସୋଲାର ଚାଳିତ ଅଟୋ ରିକ୍ସାରେ ଭ୍ରମଣ କରି ସୋଲାର ଏନର୍ଜିର ବିନିଯୋଗ, ସୁସ୍ଥ ପରିବେଶ ସୃଷ୍ଟି ଦିଗରେ ସଚେତନତା ସୃଷ୍ଟି କରିବେ ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୋଲାର ଏନର୍ଜି ସଚେତକ ଆଶିଷ ପାଣିଗ୍ରାହୀ ଓ ବିଏମ୍‌ସିର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୫୩ ମୋଟର ଯାନ ଦୁର୍ଘଟଣାଜନିତ କ୍ଷତି ମାମଲା ସମାଧାନ


ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ବିଚାରପତି।

ବ୍ରହ୍ମପୁର ଅଫିସ,୧୩।୭

**୪୦.୬ କୋଟି କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ**

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲାରେ ଅବସ୍ଥାପିତ ସମସ୍ତ କୋର୍ଟର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହା ୪ଟି ବେଞ୍ଚ ମାଧ୍ୟମରେ ୧୫୩ ମୋଟର ଯାନ ଦୁର୍ଘଟଣାଜନିତ କ୍ଷତି ମାମଲାର ସମାଧାନ ହୋଇ କ୍ଷତିପୂରଣ ବାବଦକୁ ୪୦ କୋଟି ୦୬ ଲକ୍ଷ ୫୯୦୦ ଟଙ୍କା ହିତାଧିକାରୀଙ୍କୁ ଦେବାକୁ ଆଦେଶ ପ୍ରଦାନ କରାଯାଇଛି। ଏଥିରେ ୪ଟି ସରକାରୀ ଓ ବେସରକାରୀ ବୀମା କମ୍ପାନୀ ଭାଗ ନେଇଥିଲେ। ଏହାବ୍ୟତୀତ ୯୩ ଦେୱାନୀ ମକଦ୍ଦମା ଫଇସଲା ହୋଇଥିଲା। ୧୦୯ ଗୋଟି ପ୍ରି ଲିଟିଗେଶନ ମାମଲାଗୁଡ଼ିକର ଫଇସଲା ହୋଇଥିଲା। ଏହି ସମସ୍ତ ମକଦ୍ଦମା ବ୍ରହ୍ମପୁର ଓ ଗଞ୍ଜାମ ଜିଲା ଅନ୍ତର୍ଗତ ସମସ୍ତ ତାଲୁକ୍‌ସ୍ତରୀୟ କୋର୍ଟଗୁଡିକରେ ଅବସ୍ଥାପିତ ବିଚାରପତିମାନଙ୍କ ଦ୍ୱାରା ବିଚାର ହୋଇଥିଲା। ଏଥିରେ ଗଞ୍ଜାମ ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ବିଭୁ ପ୍ରସାଦ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଏହାକୁ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ପରିଚାଳନା କରିଥିଲେ।

■ଗଞ୍ଜାମ ଜିଲା : ୧୧ ଘରୋଇ ବ୍ୟାଙ୍କର ୪୮ ଶାଖା

## ବ୍ୟାବସାୟିକ ଋଣ ପ୍ରଦାନକୁ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୧୩।୭

ଗଞ୍ଜାମ ଜିଲାରେ ୧୧ ଘରୋଇ ବ୍ୟାଙ୍କର ୪୮ ଶାଖାରେ କାରବାର ହେଉଛି । ୨୦୧୮-୧୯ ବର୍ଷରେ ଗ୍ରାହକଙ୍କଠାରୁ ୨୬୧୨ କୋଟି ୨୭ ଲକ୍ଷ ୯୯ ହଜାର ଟଙ୍କା ଜମା ସଂଗ୍ରହ କରାଯାଇ ୧୪୭୯ କୋଟି ୯୮ ଲକ୍ଷ ୧୪ ହଜାର ବିଭିନ୍ନ ଋଣ ଦିଆଯାଇଛି । ଏହା ସମୁଦାୟ ଜମାର ୫୭% ହୋଇଛି । ଅପରପକ୍ଷରେ ୫୪୬୨ ଚାଷୀଙ୍କୁ ୮୦,୪୦୦୫ ଟଙ୍କା କୃଷି ଋଣ ଲଗାଣ କରାଯାଇଛି। ତେଣୁ ବେପାରୀଙ୍କୁ ବ୍ୟବସାୟିକ ଋଣ ପ୍ରଦାନରୁ ଘରୋଇ ବ୍ୟାଙ୍କଗୁଡ଼ିକ ଗୁରୁତ୍ୱ ଦେଇଥିବା ସ୍ପଷ୍ଟ ହୋଇଛି।

ସରକାରୀ ତଥ୍ୟାନୁଯାୟୀ, ଜିଲାରେ ଆକ୍ସିସ୍ ବ୍ୟାଙ୍କର ୧୫ ଶାଖାରେ ୮୫୪ କୋଟି ୧୧ ଲକ୍ଷ ୯୬ ହଜାର ଜମା ସଂଗ୍ରହ କରାଯାଇ ୪୭୯ କୋଟି ୭୪ ଲକ୍ଷ ୩୬ ହଜାର ଋଣ ଦିଆଯାଇଛି । ବନ୍ଧନ ବ୍ୟାଙ୍କର ଏକମାତ୍ର ଶାଖାରେ ୧୬ କୋଟି ୬୭ ଲକ୍ଷ ୧୯ ହଜାର ଜମା ସଂଗ୍ରହ ସ୍ଥଳେ ୧୦ କୋଟି ୬୨ ଲକ୍ଷ ୫୭ ହଜାର ଋଣ ଦିଆଯାଇଛି । ଡିସିବି ବ୍ୟାଙ୍କର ୪ ଶାଖାରେ ୫୧ କୋଟି ୦୬ ଲକ୍ଷ ୭୦ ହଜାର ଜମା ସଂଗ୍ରହ କରାଯାଇ ୧୦୫ କୋଟି ୮୫ ଲକ୍ଷ ୨୮ ହଜାର ଋଣ ପ୍ରଦାନ କରାଯାଇଛି । ଏହା ୨୦୭% ହୋଇଛି। ଏଚଡିଏଫସି ବ୍ୟାଙ୍କର ୧୦ ଶାଖା ରହିଛି । ଗତ ଆର୍ଥିକ ବର୍ଷରେ ୬୪୬ କୋଟି ୧୨ ଲକ୍ଷ ୩୦ ହଜାର ଜମା ସଂଗ୍ରହ କରାଯାଇ ୨୮୦ କୋଟି ୭୩ ଲକ୍ଷ ୩୨ ହଜାର ଦିଆଯାଇଛି ବିଭିନ୍ନ ଋଣ । ଆଇଡିବିଆଇ ବ୍ୟାଙ୍କର ୪ ଶାଖାରେ ୧୬୩ କୋଟି ୮୬ ଲକ୍ଷ ୧୧ ହଜାର ଜମା ସଂଗ୍ରହ ସ୍ଥଳେ ମାତ୍ର ୩୬ କୋଟି ୮୭ ଲକ୍ଷ ୪୨ ହଜାର ଋଣ ଦିଆଯାଇଛି । ଆଇସିଆଇସିଆଇ ବ୍ୟାଙ୍କର ୮ ଶାଖାରେ ଜମା ସଂଗ୍ରହ କରାଯାଇଛି ୬୫୪ କୋଟି ୫୫ ଲକ୍ଷ ୩୦ ହଜାର ଏବଂ ୩୭୮ କୋଟି ୯୦ ଲକ୍ଷ ୪୨ ହଜାର ଋଣ ଦିଆଯାଇଛି । ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଏବଂ ସୁର୍ଯ୍ୟୋଦୟ ଫାଇନାନ୍ସର ଗୋଟିଏ ଲେଖାଏ ଶାଖାରେ ଜମା ସଂଗ୍ରହ କରା ନ ଯାଇ କେବଳ ଋଣ ଦିଆଯାଉଛି। କର୍ଣ୍ଣାଟକ ବ୍ୟାଙ୍କର ଏକମାତ୍ର ଶାଖାରେ ୩୮ କୋଟି ୯୬ ଲକ୍ଷ ୩୫ ହଜାର ଜମା ସଂଗ୍ରହ ସ୍ଥଳେ ୨୬ କୋଟି ୬୦ ଲକ୍ଷ ୨୧ ହଜାର ଋଣ ଦିଆଯାଇଛି । କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ଏକମାତ୍ର ଶାଖାରେ ୯୦ କୋଟି ୩୩ ଲକ୍ଷ ଜମା ସଂଗ୍ରହ ସ୍ଥଳେ ମାତ୍ର ୧୩୬୨୩ ଟଙ୍କା ଋଣ ପ୍ରଦାନ କରାଯାଇଥିବାରୁ ଏହା ୨% ହୋଇଛି । କରୁର ବୈଶ୍ୟ ବ୍ୟାଙ୍କର ୨ ଶାଖାରେ ୯୬.୫୭ କୋଟି ଜମା ସଂଗ୍ରହ କରାଯାଇ ଋଣ ଦିଆଯାଇଛି ୪୭.୮୫ କୋଟି ଟଙ୍କା । ଏହା ୫୦% ହୋଇଛି ।

## ସୁନା ବେଶରେ ଦର୍ଶନଦେଲେ ଶ୍ରୀଜୀଉ


ପାତାଳେଶ୍ୱର ।


ବିଜିପୁର ।


ଗୋଇଲୁଣ୍ଡି ।

(ଫଟୋ: ସମୀର)

## ସଂକ୍ଷେପରେ

### ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ହିଞ୍ଜିଳିକାଟୁ,୧୩।୭(ଡି.ଏନ୍.ଏ.):** ହିଞ୍ଜିଳି ଥାନା ପିଉଳ ଛକ ନିକଟରେ ଶନିବାର ପୂର୍ବାହ୍ନରେ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରିଛି। ତାଙ୍କର ପରିଚୟ ମିଳି ନ ଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ କିଛି ଦିନ ତଳେ ଉକ୍ତ ଅଞ୍ଚଳକୁ ଆସିଥିଲେ। ସେ ମାନସିକ ଅନଗ୍ରସର ଲାଗୁଥିଲେ ଏବଂ ବେଳେ ବେଳେ ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଥିବା ଅଞ୍ଚଳବାସୀ କହୁଛନ୍ତି। ପୋଲିସ ନଂ. ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।

### ରାଷ୍ଟ୍ରୀୟ ଲୋକ ଅଦାଲତ

**ହିଞ୍ଜିଳିକାଟୁ,୧୩।୭(ଡି.ଏନ୍.ଏ):** ହିଞ୍ଜିଳିକାଟୁ ଜେଏମ୍ଏଫ୍ସି କୋର୍ଟରେ ଶନିବାର ବିଚାରପତି ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳିକାଟୁସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ୭ଟି ଆର୍ଥିକ ମାମଲାର ଫଇସଲା ହେବା ସହ ୬୦ ହଜାର ଟଙ୍କା, ୟୁକୋ ବ୍ୟାଙ୍କର ଗୋଟିଏ ମାମଲାର ଫଇସଲା କରି ୨୦ ହଜାର ଓ ବ୍ୟାଙ୍କ ଅଫ୍ ଇଣ୍ଡିଆର ୨ଟି ମାମଲାର ଫଇସଲା କରି ୨୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ବ୍ୟାଙ୍କ ପରିଚାଳକ ସତ୍ୟସିତ ପଟ୍ଟନାୟକ, କର୍ମଚାରୀ ଦୁର୍ଗାପ୍ରସାଦ ଦଳାଇ, ଆଇନଜୀବୀ ରାମଚନ୍ଦ୍ର ମହାପାତ୍ର, ନୃସିଂହ ପ୍ରସାଦ ପଟ୍ଟନାୟକ, ନିରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ସାପ କାମୁଡ଼ାରେ ଯୁବତୀ ଗୁରୁତର

**ହିଞ୍ଜିଳିକାଟୁ,୧୩।୭(ଡ଼ି.ଏନ୍.ଏ.):** ହିଞ୍ଜିଳି ଥାନା ଶିକିରି ଗ୍ରାମରେ ଶନିବାର ସନ୍ଧ୍ୟାରେ ସାପ କାମୁଡ଼ାରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ଜ୍ୟୋତ୍ସ୍ନା କିରଣ (୨୨)। ଜ୍ୟୋତ୍ସ୍ନା ଶନିବାର ସନ୍ଧ୍ୟାରେ ଘରେ କାମ କରୁଥିବା ବେଳେ ବାହାରୁ ଏକ ସାପ ପଶିଆସି ତାଙ୍କୁ କାମୁଡି ଥିଲା। ପରିବାର ଲୋକେ ଜ୍ୟୋତ୍ସ୍ନାଙ୍କୁ ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି।

### ଶରତ ମିଶ୍ରଙ୍କ ସ୍ମୃତି ସଭା

**ହିଞ୍ଜିଳିକାଟୁ,୧୩।୭(ଡି.ଏନ୍.ଏ.)-** ଭାଜପା ଯୁବ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ହିଞ୍ଜିଳିର ଜଣାଶୁଣା ନେତା ଶରତ ମିଶ୍ରଙ୍କ ୧୪ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶନିବାର ଏକ ସ୍ମୃତି ସଭା ଶ୍ୟାମଳାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ନିର୍ମଳ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ବିଧାନସଭାର ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି, ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ବିରଞ୍ଚି ନାରାୟଣ ତ୍ରିପାଠୀ, ଭାଜପା ଜିଲା ସଭାପତି କାହ୍ନୁ ଚରଣ ପତି, ଭାଜପା ନେତ୍ରୀ ଅନୀତା ଶୁଭଦର୍ଶିନୀ, ଦେବାନନ୍ଦ ମହାପାତ୍ର, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ଭଗବାନ ପଣ୍ଡା, ବିଜୟ ସ୍ୱାଇଁ, ଡ. ପ୍ରଭାକର ସାହୁ, ସ୍ୱର୍ଗତ ମିଶ୍ରଙ୍କ ସାନଭାଇ ଶିଶିର ମିଶ୍ର ସମେତ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ଯୋଗ ଦେଇଥିଲେ।

# ଗଜା ହେଉନି ସରକାରୀ ବିହନ, ଚିନ୍ତାରେ ଚାଷୀ

**ଗଞ୍ଜାମ,୧୩।୭(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ପ୍ରଶାସନ ପକ୍ଷରୁ କୃଷି ସମବାୟ ସମିତି ଓ ଘରୋଇ ଡିଲରମାନଙ୍କ ଜରିଆରେ ବିକ୍ରି ହୋଇଥିବା ସରକାରୀ ବିହନ ଗଜା ହେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଚଳିତ ବର୍ଷ ବ୍ଲକର ୧୫ ପଞ୍ଚାୟତର ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଅନଲାଇନରେ ନିଜ ନାମ ପଞ୍ଜୀକୃତ କରିଥିବା ବେଳେ ୧୮୦୦ କୁଇଣ୍ଟାଲ ବିହନ ଧାନ ବିକ୍ରି ହୋଇଥିବା ବ୍ଲକ ପ୍ରଶାସନ ସୂଚନା ଦେଇଛି। କିନ୍ତୁ ଅଧିକାଂଶ ଚାଷ ଜମିରେ ଧାନ ଗଜା ହୋଇ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବର୍ତ୍ତମାନ ଅଞ୍ଚଳରେ ବର୍ଷାଭାବ ଦେଖାଦେଇଛି। ଚାଷ ଜମି ଫାଟି ଆଁ କଲାଣି। ଫଳରେ ବଳକା


ସରକାରୀ ବିହନ ବୁଣା ଯାଇଥିବା ଚାଷଜମି।

ଧାନତଳି ଗୁଡ଼ିକ ମଧ ନଷ୍ଟ ହୋଇଯିବ। ଏହି ସମୟରେ ଚାଷୀମାନେ ଧାନ ତଳି ଉପାଡ଼ି ରୁଆ ବେଉଷଣ କରିଥାନ୍ତେ। କିନ୍ତୁ ଧାନ ତଳି ହୋଇ ନ ଥିବା ଏବଂ ବର୍ଷା ଅଭାବରୁ ଚାଷ ଜମିରେ ପାଣି ନ ହେବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବ୍ଲକରେ ୧୨ ହଜାର ୮୭୪ ହେକ୍ଟର ଚାଷ ଜମି ଥିବା ବେଳେ ସେଥିରୁ ୪୮୦୦ ହେକ୍ଟର ଜମିରେ ଧାନ ଫସଲ ହୋଇଥାଏ। ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତ ଅଧୀନରେ ଥିବା ଚାଷ ଜମିଗୁଡ଼ିକରେ ବର୍ତ୍ତମାନ ସୁଦ୍ଧା ଲଙ୍ଗଳ ବୁଲିନାହିଁ। ଚଳିତ ବର୍ଷ ପୁଇଁତୋଳା, ଲକ୍ଷ୍ମୀପୁର, ଝାଡୁକୁଦା, କାଇଁଚପୁର, କଲ୍ୟାଣପୁର, ପାଳିବନ୍ଧ, ରଘୁନାଥପୁର ଏବଂ ପୋଡ଼ାଗଡ଼ ଆଦି ଅଞ୍ଚଳର ଚାଷ ଜମି ଗୁଡ଼ିକରେ ଚାଷ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ଅଜିତ କୁମାର ମଲିକଙ୍କୁ ପଚାରିବାରୁ ଚାଷୀମାନଙ୍କ ପାଇଁ ସମସ୍ତ ସ୍ତରରେ ସୁବିଧା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବି ଓ ସେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି।


ହିଞ୍ଜିଳିକାଟୁରେ ଶ୍ରୀଜୀଉମାନଙ୍କ ସୁନାବେଶ।

## ଶ୍ରୀଜୀଉଙ୍କ 'ସୁନାବେଶ'

**ହିଞ୍ଜିଳିକାଟୁ,୧୩।୭(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଁଚବଣିଆ ଜଗନ୍ନାଥ ମନ୍ଦିର ସାମ୍ନା ରଥାରୂଢ଼ ଶ୍ରୀଜୀଉଙ୍କ ଶୁକ୍ରବାର ସୁନାବେଶ ହୋଇଛି। ସନ୍ଧ୍ୟାରେ ଠାକୁରଙ୍କ ଆଳତି ଓ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ହୋଇଥିଲା। ରବିବାର ଅଧରପଣା ଓ ନୀଳାଦ୍ରି ବିଜେ ହେବ ବୋଲି ମନ୍ଦିର କମିଟି କହିଛି।

## ସିପିଆଇ ସାନଖେମୁଣ୍ଡି ଜୋନାଲ କମିଟି ପକ୍ଷରୁ ଆଲୋଚନା ସଭା


ମୁଖ୍ୟ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

**ଦିଗପହଣ୍ଡି,୧୩।୭(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମ ଠାକୁରାଣୀ ମନ୍ଦିର ପରିସରରେ ଶନିବାର ସିପିଆଇ ସାନଖେମୁଣ୍ଡି ଜୋନାଲ କମିଟିର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବର୍ଷିୟାନ କୃଷକ ନେତା ଗୌର ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗତ ସାଧାରଣ ନିର୍ବାଚନରେ ବ୍ଲକ ଅଧୀନ ଗ୍ରାମାଞ୍ଚଳରେ ଦଳର ଭୋଟ ହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ବର୍ଷା ଅଭାବରୁ ଖରିଫ ଧାନ ତଳି ଗଜା ମରୁଡି ହୋଇଛି। ବ୍ଲକ ଅଧୀନ ଅର୍ଦ୍ଧାଧିକ ଜଳସେଚନ ପ୍ରକଳ୍ପ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି। ଚାଷୀମାନେ ବାରମ୍ବାର ପ୍ରଶାସନକୁ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନାହିଁ। ଜଳ ଅଭାବରୁ ଅନେକ ଚାଷଜମି ପଡିଆ ପଡିଛି। ଚାଷୀ ଓ ଚାଷର ସୁରକ୍ଷା ପାଇଁ ମାଗଣାରେ ବିହନ, ସାର, କୀଟନାଶକ, କୃଷି ଉପକରଣ ଚାଷୀଙ୍କୁ ଯୋଗାଇ ଦେବା, ସମସ୍ତ ଗ୍ରାମକୁ ପିଇବା ପାଣି, ପକ୍କା ରାସ୍ତା, ବିଜୁଳି, ଗରିବଙ୍କୁ ରାଶନ କାର୍ଡ ପ୍ରଦାନ କରିବା ଆଦି ଦାବିରେ ପାର୍ଟି ପକ୍ଷରୁ ଆଗାମୀ ଦିନରେ ଜନଆନ୍ଦୋଳନ ପାଇଁ ସଭାରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ପାର୍ଟିର ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ବିଦେଶୀ ନାହାକ, କାମଦେବ ନାହାକ, ଅନନ୍ତ ମହାଙ୍କୁଡ଼, ଗୌତମୀ ପଞ୍ଚାୟତ ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁ, ଭଗବାନ ରାଉତ, ଅଶୋକ ଜେନା, ବୃନ୍ଦାବନ ମହାଙ୍କୁଡ଼, ଅଭିରାମ ପଟ୍ଟନାୟକ, ପାଣ ସେଠୀଙ୍କ ସମେତ ଉପସ୍ଥିତ ପାର୍ଟି ଶାଖା କମିଟି ସଦସ୍ୟ ବୃନ୍ଦ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବ୍ଲକ ଶିକ୍ଷକ ସଂଘର ଆଲୋଚନା ସଭା

### କର୍ମକର୍ତ୍ତା ମନୋନୀତ

**ଦିଗପହଣ୍ଡି,୧୩।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ନିୟମିତ ଶିକ୍ଷକ ସଂଘ ପକ୍ଷରୁ ଆଲୋଚନା ସଭା ଗୁପ୍ତେଶ୍ୱର ଶୈବପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକର୍ତ୍ତା ସନାତନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଦିଗପହଣ୍ଡି ବ୍ଲକସ୍ତରୀୟ ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ବିବିଧ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଘ ପୂର୍ବତନ ସଭାପତି ଦାମୋଦର ପାଢ଼ୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ସଂଘ ସଭାପତି ଭାବେ ଶିକ୍ଷକ ବାୟା ଗୌଡ଼ଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସଂଘର ସମସ୍ତ ସଭ୍ୟା ସଭ୍ୟ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବାଇକ୍ ସହ ମଦ ଜବତ: ଅଭିଯୁକ୍ତ ଗିରଫ

**ଆସିକା,୧୩।୭(ଡି.ଏନ୍.ଏ.)**

ଆସିକା ସହର ଉପକଣ୍ଠ କର୍ପୂରନୂଆଗାଁ ନିକଟରେ ଶୁକ୍ରବାର ରାତିରେ ପୋଲିସ ଗୋଟିଏ ବାଇକ୍‌ରେ ଚାଲାଣ ହେଉଥିବାବେଳେ ୮୦ ଲିଟର ରନ୍ଧା ମଦ ସହ ବାଇକ ଜବତ କରିଛି। ଏହି ମାମଲାରେ ଗାଙ୍ଗପୁର ଥାନା ସିଂହମର୍ଦ୍ଦନ ଗ୍ରାମର ମକରଧ୍ୱଜ ପ୍ରଧାନଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଆସିକା ଥାନାରେ ନଂ.୨୨୪/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

## ରାଇକିଆରେ ସୁନାବେଶ

**ରାଇକିଆ,୧୩।୭(ଡ଼ି.ଏନ.ଏ)**

ରାଇକିଆରେ ଜଗନ୍ନାଥଙ୍କ ସୁନାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଳଙ୍କାରରେ ସାଜସଜ୍ଜା ପରେ ରିତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ବସଷ୍ଟାଣ୍ଡ ସମ୍ମୁଖରେ ରଥ ଉପରେ ମହାପ୍ରଭୁଙ୍କ ଏହି ସୁନାବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଜଗନ୍ନାଥ ପୂଜା କମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା।



## ନୂତନ ସେବା ସମବାୟ ସମିତି ଉଦ୍‌ଘାଟିତ

**ଦିଗପହଣ୍ଡି,୧୩।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବିଜୟଲକ୍ଷ୍ମୀ ନାରାୟଣପୁର ଗ୍ରାମରେ ନୂତନ ଭାବେ ପ୍ରାଥମିକ ସେବା ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ବିଭାଗ ପକ୍ଷରୁ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଆୟୋଜିତ ଉତ୍ସବରେ ବ୍ରହ୍ମପୁର ସମବାୟ ସହକାରୀ ନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ ଅଧକ୍ଷତା କରିଥିଲେ। ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଡିଓ ହଳଧର ଶବର, ସମବାୟ ଅଧିକାରୀ ଗୋପାଳ କୃଷ୍ଣ ନାୟକ, ଗୋପାଳପୁର ସମବାୟ ତାଲିମ କେନ୍ଦ୍ର ଅଧ୍ୟାପକ ଡି. କ୍ରିଷ୍ଣାନନ୍ଦ, ସରପଞ୍ଚ ସୁଲତା କୁମାରୀ ସାହୁ, ସମିତିସଭ୍ୟା କନକଲତା ସାହୁ, ସେବା ସମବାୟ ସମିତି ସଭାପତି ଗଣେଶ ପ୍ରସାଦ ସାହୁ, ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିପୂର୍ବରୁ ବିଜୟଲକ୍ଷ୍ମୀ ନାରାୟଣପୁର ପଞ୍ଚାୟତର ପଦ୍ମପୁର, କୁଶପଡ଼ା, ରାଇପୁର, ଘାଟିଆମ୍ବଗାଁ, ଖଜୁରିଆ, ବନମାଳୀ ଓ ଘାଟିକେଣ୍ଡା ପ୍ରଭୃତି ଗ୍ରାମ ଚାଷୀମାନେ ଗୌଡ଼ଗାଁ ପଞ୍ଚାୟତ ଅଧୀନ ପ୍ରାଥମିକ ସେବା ସମବାୟ ସମିତି ଉପରେ ନିର୍ଭରଶୀଳ ଥିଲେ। ବର୍ତ୍ତମାନ ପଞ୍ଚାୟତବାସୀ ଉକ୍ତ ସମବାୟ ସମିତି ଦ୍ୱାରା ଲାଭବାନ ହୋଇପାରିବେ ବୋଲି ମୁଖ୍ୟଅତିଥି କହିଥିଲେ। ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଘୁଆ ପାଣି ପଞ୍ଚାୟତ ପ୍ରକଳ୍ପ କମିଟି ବୈଠକ


ବୈଠକରେ ଉପସ୍ଥିତ ଅତିଥି।

**ବୁଗୁଡ଼ା,୧୩।୭(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ବାଘୁଆ ପାଣି ପଞ୍ଚାୟତ ପ୍ରକଳ୍ପ କମିଟିର ସାଧାରଣ ପରିଷଦ ବୈଠକ ଶନିବାର ବାଘୁଆ ଜଳସେଚନ କଲୋନୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳସେଚନ ଉପ ବିଭାଗର ସହ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ବୁଗୁଡ଼ା ଓ ପୋଲସରା କୃଷି ବିଭାଗୀୟ ଅଧିକାରୀମାନେ ସରକାରଙ୍କ ବିଭିନ୍ନ କୃଷି ଅଭିମୁଖୀ ଯୋଜନା ଉପରେ ଆଲୋଚନା କରିଥିଲେ। ସେଚାଞ୍ଚଳ ଉନ୍ନୟନ ବିଭାଗର ଯନ୍ତ୍ରୀମାନେ କରନାଳୀ ନିର୍ମାଣ ଓ ଏହାର କାର୍ଯ୍ୟକାରିତା ପାଇଁ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ସହ ନିର୍ବାହୀ ଯନ୍ତ୍ରୀ ସାହୁ ମୁଖ୍ୟତଃ ଜଳଭଣ୍ଡାରରେ ଗଚ୍ଛିତ ଜଳ ଏବଂ ବାମ ଓ ଦକ୍ଷିଣ କେନାଲ ମାଧମରେ ସୁଷମ ଭାବେ ଜଳ ଯୋଗାଣ ପ୍ରକ୍ରିୟାକୁ ସହଯୋଗ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଖରିଫ ଋତୁରେ ଜୁଲାଇ ୨୨ଠାରୁ କେନାଲରେ ଜଳ ଛଡ଼ାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ଚାଷୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ମତାମତ ରଖିଥିଲେ। ଇଂ. ବୈଜୟନ୍ତୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଂ. କେଶବ ଖଟାଇ ଧନ୍ୟବାଦ ଦେଇଥିଲେ। ଇଂ. ଅସିତ କୁମାର ନନ୍ଦ, ଆଶିଷ ରଞ୍ଜନ ଲେଙ୍କା, ଅଜୟ କୁମାର ସାହୁ, ଅଶୋକ କୁମାର ସେଠୀଙ୍କ ସମେତ ପାଣି ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇଥିଲେ।


ଜି.ଉଦୟଗିରିରେ ତିନି ଠାକୁରଙ୍କ ସୁନାବେଶ।

# ଦିଗପହଣ୍ଡି କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଦିଗପହଣ୍ଡି,୧୩।୭(ଡି.ଏନ.ଏ.)**

ଦିଗପହଣ୍ଡି ତାଲୁକା ଆଇନ ସହାୟତା କମିଟି ପକ୍ଷରୁ ପ୍ରଥମଶ୍ରେଣୀ ବିଚାର ବିଭାଗ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ତଥା ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଦାଲତରେ ୮ଫୌଜଦାରି ଓ ୨ଦେୱାନି ମାମଲାର ଫଇସଲା କରାଯାଇଥିଲା। ଏପିପି ବିପ୍ଳବ କୁମାର ମୁଦୁଲିଙ୍କ ସମେତ କୋର୍ଟ କର୍ମଚାରୀ ଭିକାରି ବେହେରା, କିଶୋର ଚନ୍ଦ୍ର ଗନ୍ତାୟତ, ରଞ୍ଜିତ ବେହେରା, ବାଲ୍ୟକୃଷ୍ଣ ପଣ୍ଡା, ଶିବଶଙ୍କର ମହାରଣା, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ କାଳିଆ ନାୟକ ପ୍ରମୁଖ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ଦିଗପହଣ୍ଡି ତହସିଲ ପକ୍ଷରୁ ୭୧୨ଟି ରାଜସ୍ୱ, ମିସ୍‌କେସ୍ ସାର୍ଟିଫିକେଟ ଓ ମ୍ୟୁଟେଶନ (ଦାଖଲ ଖାରଜ ) ଆଦି ମାମଲାର ଫଇସଲା କରାଯାଇ ୧୪୭୦୦ ଟଙ୍କା ଆଦାୟ କରାଯାଇଥିବା ଦିଗପହଣ୍ଡି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତଥା ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଜଣାଇଛନ୍ତି।


କୋର୍ଟ କାର୍ଯ୍ୟାଳୟରେ ଲୋକ ଅଦାଲତ।

# ଶିକ୍ଷକମାନଙ୍କ ଦରମା ବନ୍ଦ ପ୍ରତିବାଦରେ ଆନ୍ଦୋଳନ ଚେତାବନୀ

**ହାତୀଓଟ,୧୩।୭**

ପୋଲସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ସଭାପତି ସନ୍ନ୍ୟାସୀ ସାହୁଙ୍କ ଅଧକ୍ଷତାରେ ସ୍ଥାନୀୟ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ସେଠୀଙ୍କ ସମ୍ପାଦନା କରିଥିଲେ। ସଂଘର ପକ୍ଷରୁ ମିଳିଥିବା ଦାବିପତ୍ର ପ୍ରକାରେ, ୨୦୧୮ ଅଗଷ୍ଟ ୮ ତାରିଖରେ ବୁଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ କର ପୋଲସରାରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରଠାରୁ ବ୍ଲକ ପ୍ରତି ଅବହେଳା କରୁଥିବାରୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୧ ବ୍ୟାଚ୍‌ର କାର୍ଯ୍ୟରତ ଶିକ୍ଷା



ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।

ସହାୟକ ଓ ସହାୟିକାମାନେ ସରକାରୀ ଶିକ୍ଷକର ମାନ୍ୟତା ପାଇବାର ୨ ବର୍ଷ ବିତିଯାଇଥିଲେ ମଧ ସେମାନଙ୍କ ସେବା ପୁସ୍ତିକା ଖୋଲି ଇନକ୍ରିମେଣ୍ଟ ପ୍ରଦାନ ନ କରିବା, ୨୦୦୧ ବ୍ୟାଚର କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ୧୦ ବର୍ଷିଆ ବେନିଫିଟ୍ ଲାଗୁ ନ କରିବା ଆଦି ସଂଘ ପକ୍ଷରୁ କୁହାଯାଇଛି। ମୁଖ୍ୟତଃ ପୋଲସରା ବ୍ଲକର ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ଜୁନ୍ ମାସର ଦରମା ଜୁଲାଇ ୧୩ ତାରିଖ ପର୍ଯ୍ୟନ୍ତ ମିଳିନାହିଁ। କିନ୍ତୁ ବୁଗୁଡା ବ୍ଲକର ସମସ୍ତ ସମସ୍ତ କର୍ମଚାରୀମାନଙ୍କୁ ଦରମା ମିଳିଯାଇଛି। ବୁଗୁଡା ବିଇଓ ରସାନନ୍ଦ କର ପୋଲସରା ବ୍ଲକର ଅତିରିକ୍ତ ଦାୟିତ୍ୱ ନେବା ପରଠାରୁ କାଁ ଭାଁ କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗ ହୋଇଛି। ତେବେ ଶୀଘ୍ର ସମସ୍ୟାର ସମାଧାନ କରା ନ ଗଲେ ପୋଲସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଓ ଶିକ୍ଷା ସହାୟକ ସଂଘ ମିଳିତ ଭାବେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବା ସହ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବିଇଓଙ୍କୁ ପଚାରିବାରୁ ଦୁଇଟି ବ୍ଲକ ଦାୟିତ୍ୱରେ ଥିବାରୁ ଦରମା ବିଲ୍ କରିବାରେ ବିଳମ୍ବ ହୋଇଛି। ମଙ୍ଗଳବାର ସୁଦ୍ଧା ବିଲ୍ କରାଯାଇ ଦରମା ପ୍ରଦାନ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ରାଷ୍ଟ୍ରୀୟ ଲୋକ ଅଦାଲତ: ୧୦୦ରୁ ଊର୍ଦ୍ଧ୍ୱ ମାମଲା ଫଇସଲା

**ପାରଳାଖେମୁଣ୍ଡି, ୧୩।୭ (ସ୍ୱ.ପ୍ର.) :** ଗଜପତି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ବିଶ୍ୱଜିତ ଦାଶ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାଜଜ୍ ଦାଶଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କୋର୍ଟରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ପ୍ରାଧିକରଣର ସମ୍ପାଦିକା ଦୀପା ଦାଶଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସେ ପ୍ରତ୍ୟକ୍ଷଭାବେ ବିଭିନ୍ନ କୋର୍ଟ ପରିଦର୍ଶନ କରିଥିଲେ । ସେହିପରି ସିଜେଏମ୍. ଏମ୍. ଈଶ୍ୱର ରାଓ, ସବ୍‌ଜଜ୍ ବ୍ୟୋମକେଶ ନାୟକ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ଶୁଭଶ୍ରୀ ପ୍ରଧାନ, ଏସ୍‌ଡିଜେଏମ୍ ଚନ୍ଦ୍ରହାସ ବେହେରା ନିଜ ନିଜ କୋର୍ଟରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜିଲାଜଜ୍‌ଙ୍କ କୋର୍ଟରେ ୨ଟି ମୋଟରଜନିତ ଦୁର୍ଘଟଣାର ବିଚାର କରାଯାଇ ୬ଲକ୍ଷ ୯୨ହଜାର ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ ଦେଇଥିଲେ । ଜିଲା ସଦର ମହକୁମା ସମେତ ମୋହନା, ଆର୍. ଉଦୟଗିରି, କାଶୀନଗରରେ ଲୋକ ଅଦାଲତ ଅନୁଷ୍ଠିତ କରିଥିଲେ । ସମସ୍ତ ଆଇନଜୀବୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ଜାତୀୟ ବ୍ୟାଙ୍କ ଓ ବିଏସ୍‌ଏନ୍‌ଏଲ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ଆୟୋଜିତ ଏହି ଲୋକ ଅଦାଲତରେ ମୋଟ ୧୦୮୧ଟି ମାମଲା ମଧ୍ୟରୁ ୧୦୪ଟି ସମାଧାନ କରାଯାଇ ୧୬ଲକ୍ଷ ୪୪ହଜାର ୬୦୧ ଟଙ୍କା ଆଦାୟ କରାଯାଇଥିଲା ।

### ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ୍ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୧୩।୭ (ସ୍ୱ.ପ୍ର.) :** ସହର ଉପକଣ୍ଠସ୍ଥ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ ଗୁରୁବାର ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଜିଲା ଏସ୍‌ପି ସାରା ଶର୍ମା ଯୋଗ ଦେଇ ପ୍ଲାଷ୍ଟିକକୁ ବର୍ଜନ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପ୍ରେରିତ କରିଥିବାବେଳେ ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ବିଜୟ କୁମାର ମହାପାତ୍ର ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ୍ ବର୍ଜନ ପାଇଁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନୀତା ପାତ୍ର, ଡେପୁଟି ରେଜିଷ୍ଟ୍ରାର ସନ୍ଦିପନ ପାଇନ, ଡିନ୍ ଡ. ଏସ୍.ପି. ନନ୍ଦ ମଞ୍ଚାସୀନ ଥିଲେ। ଡିନ୍ ଡ. ସୁଶାନ୍ତ କୁମାର ପଟ୍ଟନାୟକ ଓ ଛାତ୍ର କଲ୍ୟାଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ୧ମାସ ଧରି ଚାଲିବ।

## ■ ବିଦ୍ୟୁତ୍ ବିତରଣ ଘରୋଇକରଣକୁ ବିରୋଧ

# ଗ୍ରାହକଙ୍କୁ ଲୁଟିବାକୁ ସୁଯୋଗ ଦେଉଛନ୍ତି ସରକାର

**ବ୍ରହ୍ମପୁର ଅଫିସ୍, ୧୩।୭**



ଖବରଦାତା ସମ୍ମିଳନୀରେ ସଂଘ ପଦାଧିକାରୀମାନେ ।

ରାଜ୍ୟର ୪ ଡିସ୍‌କମ୍(ବିଦ୍ୟୁତ୍ ବିତରଣ ସଂସ୍ଥା) ଯଥା ସାଉଥ୍‌କୋ, ସେସୁ, ନେସ୍‌କୋ ଏବଂ ୱେସ୍‌କୋକୁ ସମ୍ପୂର୍ଣ୍ଣ ଭାବେ ଘରୋଇ ସଂସ୍ଥା ହାତକୁ ଟେକିଦେବା ପାଇଁ ରାଜ୍ୟ ସରକାର ମସୁଧା କରୁଛନ୍ତି। ଏନେଇ ଖୁବ୍ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଚାଲିବ । ପୂର୍ବରୁ ଯେଉଁସବୁ ସର୍କଲ୍ କିମ୍ବା ଡିଭିଜନ୍‌ରେ ଘରୋଇ ସଂସ୍ଥାକୁ ବିଲ୍ ଆଦାୟ, ରକ୍ଷଣାବେକ୍ଷଣ ଆଦି ଦାୟିତ୍ୱ ଦିଆଯାଇଛି, ସେଠାରେ ଗୁରୁତର ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ବିଭିନ୍ନ ଆଳରେ ଗ୍ରାହକଙ୍କଠାରୁ ସମ୍ପୃକ୍ତ ଘରୋଇ ସଂସ୍ଥାଗୁଡ଼ିକ ଟଙ୍କା ଆଦାୟ କରୁଥିଲେ । ଅନେକ ସ୍ଥାନରେ ଉପଭୋକ୍ତାମାନେ ତୀବ୍ର ବିରୋଧ କରିବା ସହ ବିଶୃଙ୍ଖଳା ଦେଖାଦେଇଥିଲା । ଏଣୁ ଯଦି ଆଗାମୀ ଦିନରେ ଡିସ୍‌କମ୍‌ଗୁଡ଼ିକୁ ଘରୋଇ ସଂସ୍ଥାକୁ ଦିଆଯାଏ, ତେବେ ରାଜ୍ୟବ୍ୟାପି ଆନ୍ଦୋଳନ ଡାକରା ଦିଆଯିବ ବୋଲି ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଶନିବାର ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଅଳି କିଶୋର ପଟ୍ଟନାୟକ, ସାଧାରଣ ସମ୍ପାଦକ କାଳୁଚରଣ ସାହୁ, ଉପସଭାପତି ମୋହନ ରେଡ୍ଡୀ, ସହସାଧାରଣ ସମ୍ପାଦକ ନିରଞ୍ଜନ ପାତ୍ର, ପଞ୍ଚାନନ ଜେନା, ରାକେଶ ସ୍ୱାଇଁ ଓ ଯୁଧିଷ୍ଠିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ୧୯୯୫ ରେ ୪ ଡିସ୍‌କମ୍ ଗଠନ କରାଯାଇ ସେଗୁଡ଼ିକର ଘରୋଇକରଣ ଦିଗରେ ସରକାର ପଦକ୍ଷେପ ନେଇଥିଲେ। ବିଏସ୍‌ଇଏସ୍ ଏବଂ ଏଇଏସ୍ ନାମକ ଘରୋଇ ସଂସ୍ଥାକୁ ଟେକି ଦେଇଥିଲେ । ହେଲେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଥିଲା । ଏଇଏସ୍ କମ୍ପାନୀ ବହୁ ଶହ କୋଟି ନେଇ ସେସୁକୁ ଛାଡ଼ିଦେଇ ନିଜ ଦେଶ ଆମେରିକାକୁ ଫେରି ଯାଇଥିଲା । ବିଏସ୍‌ଇଏସ୍ ମଧ୍ୟ ସମ୍ପୂର୍ଣ୍ଣ ଅଂଶଧନକୁ ରିଲାଏନ୍ସ କମ୍ପାନୀକୁ ବିକିଦେଇ ପରିଚାଳନା ଦାୟିତ୍ୱରୁ ଓହରି ଯାଇଥିଲା । ହେଲେ ରିଲାଏନ୍ସ ମଧ୍ୟ ବିଫଳ ହେବାରୁ ସରକାର ୨୦୧୫ ଏପ୍ରିଲ୍‌ରେ ବିତାଡିତ କରିଥିଲେ। ସାଉଥ୍‌କୋର ଛତ୍ରପୁର ଡିଭିଜନ୍ ଏନ୍‌ଜେଏନ୍ ନାମକ ଏକ ସଂସ୍ଥା ପାଖକୁ ଚାଲିଯାଇଥିଲା । ଏହି କମ୍ପାନୀ ମଧ୍ୟ ବିଫଳ ହୋଇଥିଲା । ଦୁଇ ବର୍ଷ ପରେ ଏହି ସଂସ୍ଥା ମଧ୍ୟ ଛାଡ଼ ଦେଇଥିଲା । ବର୍ତ୍ତମାନ ଏହି ଏନ୍‌ଜେଏନ୍ କମ୍ପାନୀ ସେସୁର ଢେଙ୍କାନାଳ ସର୍କଲ୍‌ର ଢେଙ୍କାନାଳ, ଚାଇଁପାଳ ଏବଂ ଅନୁଗୋଳ ଡିଭିଜନ୍‌ରେ ବିଦ୍ୟୁତ୍ ବିଲ୍ ଆଦାୟ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି । ସେଠାରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ସାଧାରଣ ଉପଭୋକ୍ତା ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ।

ଥରେ କି ଦୁଇଥର ନୁହଁ, ଘରୋଇ ସଂସ୍ଥାଗୁଡ଼ିକୁ ରାଜ୍ୟ ସରକାର ବିଦ୍ୟୁତ୍ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ହସ୍ତାନ୍ତର କରିଛନ୍ତି। ସବୁଥର କେବଳ ବିଫଳତା ହିଁ ମିଳିଛି । ଅଯଥାରେ ସାଧାରଣ ଉପଭୋକ୍ତା ହଇରାଣ ହେଉଛନ୍ତି । ସେମାନଙ୍କୁ ବିଭିନ୍ନ ଆଳରେ ଲୁଟ୍ କରାଯାଉଛି । ଅନ୍ୟପଟେ ଦେଖିବାକୁ ମିଳୁଛି ଯେ, କେବଳ ଗ୍ରାହକ ନୁହଁ, ଆଉଟ୍‌ସୋର୍ସିଂ କର୍ମଚାରୀମାନେ ମଧ୍ୟ ହଇରାଣ ହେଉଛନ୍ତି । ଆଉଟ୍‌ସୋର୍ସିଂ ସଂସ୍ଥା ଅଧୀନରେ କାମ କରୁଥିବା କର୍ମଚାରୀଙ୍କ ମଧ୍ୟରୁ ପ୍ରତିବର୍ଷ ୨୦୦ଜଣଙ୍କୁ ନିୟମିତ କରିବାକୁ ବିଭାଗୀୟ ମନ୍ତ୍ରୀ, ସଚିବ, ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌ର ଅଧ୍ୟକ୍ଷ ଗତ ବର୍ଷ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ ଯାଏ ତାହା ପୂରଣ ହୋଇନାହିଁ । କର୍ମଚାରୀମାନେ ଖୁବ୍ କମ୍ ଦରମାରେ, ବିନା ସ୍ଥାୟିତ୍ୱରେ କାମ କରୁଛନ୍ତି । ସେମାନଙ୍କୁ ନିୟମିତ ନ କରିବା ପାଇଁ ରାଜ୍ୟ ସରକାର ଏକ ଷଡ଼ଯନ୍ତ୍ର ଦ୍ୱାରା ଘରୋଇ ସଂସ୍ଥାକୁ ଡିସ୍‌କମ୍‌ଗୁଡ଼ିକୁ ଟେକି ଦେଉଛନ୍ତି । ଏଣୁ ଘରୋଇ କରଣ ନିଷ୍ପତ୍ତିରୁ ରାଜ୍ୟ ସରକାର ନ ଓହରିଲେ, ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ, ଯେଉଁଥି ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଏହି ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୪।୭।୨୦୧୯ (ରବିବାର)**

- ବାହୁଡ଼ା ରଥଟଣା ଓ ନିଳାଦ୍ରୀ ବିଜେ। ସ୍ଥାନ- ବୁଗୁଡ଼ା ବଡ଼ଦାଣ୍ଡ, ସମୟ- ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର। ସ୍ଥାନ- ସରସ୍ୱତୀ ନଗର, ଶିଶୁ ବିଦ୍ୟାମନ୍ଦିର, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ଶ୍ରୀ ଜୀଉଙ୍କ ନୀଳାଦ୍ରି ବିଜେ। ସ୍ଥାନ- ଦିଗପହଣ୍ଡି ସିଂହଦ୍ୱାର, ସମୟ- ସକାଳ ୯ଟା।
- ଗଞ୍ଜାମ ଚାମ୍ବର ଅଫ୍ କମର୍ସର ବାର୍ଷିକ ବୈଠକ। ସ୍ଥାନ-ଚାମ୍ବର କାର୍ଯ୍ୟାଳୟ,ସମୟ-ସକାଳ ୯ଟା।
- ଲାୟନ୍ସ କ୍ଲବର ବୈଠକ। ସ୍ଥାନ-ଅତିଥି ରେଷ୍ଟୁରାଣ୍ଟ, ସମୟ-ସକାଳ ୯ଟା।
- ରୋଟାରୀ କ୍ଲବ ବ୍ରହ୍ମପୁର ଇଷ୍ଟର ଅଧିଷ୍ଠାନ ଉତ୍ସବ। ସ୍ଥାନ-ଧର୍ମନଗର କ୍ଲବ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

**୧୫।୭।୨୦୧୯ (ସୋମବାର)**

- ବିହନ ବିଶୋଧନ ଅଭିଯାନ। ସ୍ଥାନ- ଝାଟିକା ପଲ୍ଲୀ, ବୁଗୁଡ଼ା, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ। ସ୍ଥାନ- କରଚୁଲି ସେକ୍ଟର, ସମୟ- ପୂର୍ବାହ୍ନ ୧୦ଟା।
- ମ୍ୟାଲେରିଆ, ଡାଇରିଆ ଓ ଡେଙ୍ଗୁ ନିରାକରଣ ଯୋଜନା ସମ୍ପର୍କିତ ସମୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ମଧ୍ୟାହ୍ନ ୧୨ଟା।
- ସ୍ୱାସ୍ଥ୍ୟ ସୁପର ଭାଇଜରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ- ପୂର୍ବାହ୍ନ ୧୧ଟା।
- ଜଗନ୍ନାଥଙ୍କ ନୀଳାଦ୍ରି ବିଜେ। ସ୍ଥାନ- ଜଗନ୍ନାଥ ମନ୍ଦିର, ଜି.ଉଦୟଗିରି, ସମୟ- ଅପରାହ୍ନ ୪ଟା।

**୧୬।୭।୨୦୧୯ (ମଙ୍ଗଳବାର)**

- ଆତ୍ମ ସୁରକ୍ଷା ତାଲିମ ଶିବିର। ସ୍ଥାନ- ବୁଗୁଡ଼ା ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ସକାଳ ୮ଟା।
- ଗୁରୁପୂର୍ଣ୍ଣିମା ଓ ବୈତରଣୀ ଉତ୍ସବ। ସ୍ଥାନ- ଉତ୍ତରେଶ୍ୱର ଭବନ, ସମୟ-ପୂର୍ବାହ୍ନ ୧୦ଟା।

**୧୭।୭।୨୦୧୯ (ବୁଧବାର)**

- ଆତ୍ମ ସୁରକ୍ଷା ତାଲିମ ଶିବିର। ସ୍ଥାନ- ବାଲିପଦର ଉଚ୍ଚ ବିଦ୍ୟାଳୟ, ସମୟ- ଅପରାହ୍ନ ୨ଟା।
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ- ସକାଳ ୯ଟା।
- ୧୦୮ ହନୁମାନ ଚାଳିଶା। ସ୍ଥାନ- ସଙ୍କଟମୋଚନ ହନୁମାନ ମନ୍ଦିର , ଜି.ଉଦୟଗିରି, ସମୟ- ସକାଳ ୮ଟା।
- ପାଠଚକ୍ର। ସ୍ଥାନ-ଭଞ୍ଜନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ-ଅପରାହ୍ନ ୪ଟା ୩୦ ମିନିଟ୍ ।

**୧୮।୭।୨୦୧୯ (ଗୁରୁବାର)**

- ମେଗା ରକ୍ତଦାନ ଶିବିର। ସ୍ଥାନ- ଦିବ୍ୟ ଦର୍ଶନ ଜରାଶ୍ରମ ଆଦିପୁର, ସମୟ- ପୂର୍ବାହ୍ନ ୧୦ଟା।

**୧୯।୭।୨୦୧୯ (ଶୁକ୍ରବାର)**

- ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର। ସ୍ଥାନ- ବେତାରସିଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।

**୨୦।୭।୨୦୧୯ (ଶନିବାର)**

- ଚାରାରୋପଣ କାର୍ଯ୍ୟକ୍ରମ। ସ୍ଥାନ- ବୁଗୁଡ଼ା ନ୍ୟୁଏରା ପବ୍ଲିକ ସ୍କୁଲ, ସମୟ- ସକାଳ ୭ଟା।
- ବ୍ଲକସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଗ୍ରଗତି ପାଇଁ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୩ଟା।

## ■ ଅଗଷ୍ଟରୁ ବଦଳିବ ବ୍ରହ୍ମପୁର ଟ୍ରାଫିକ ବ୍ୟବସ୍ଥାର ଚିତ୍ର

# କାର୍ଯ୍ୟକ୍ଷମ ହେବ ଇଣ୍ଟିଗ୍ରେଟେଡ ଟ୍ରାଫିକ ସିଷ୍ଟମ

**ବ୍ରହ୍ମପୁର ଅଫିସ, ୧୩।୭**

ବ୍ରହ୍ମପୁରରେ ସୁଧୁରିବ ଟ୍ରାଫିକ ବ୍ୟବସ୍ଥା । ଅଗଷ୍ଟରୁ ବଦଳିବ ଏହାର ଚିତ୍ର । ଅଗଷ୍ଟ ଶେଷ ସୁଦ୍ଧା ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଟିଏମଏସ) କାର୍ଯ୍ୟକ୍ଷମ ହେବ । ଏନେଇ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସ୍ପଷ୍ଟ କରିଛନ୍ତି । ବିଏମ୍‌ସି କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜୁଲାଇ ଶେଷ ସୁଦ୍ଧା ଟ୍ରାଫିକ ସିଷ୍ଟମ ସଫ୍ଟୱେର ଡେଭଲପମେଣ୍ଟ କାର୍ଯ୍ୟ ଶେଷ ହେବ । ଅଗଷ୍ଟ ପହିଲାରୁ ଏହାର ଟ୍ରାୟଲ ରନ କରାଯିବା ସହ ଏନେଇ ଜନସଚେତତନା କରାଯିବ । ଅଗଷ୍ଟ ୧୫ ଅଥବା ୩୧ ସ୍ୱାୟତ୍ତଶାସନ ଦିବସରୁ ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବ । କାର୍ଯ୍ୟକ୍ଷମ ହେବା ପରବର୍ତ୍ତୀ ସମୟରୁ ଜରିମାନା ଆଦାୟ ମଧ୍ୟ ଆରମ୍ଭ ହେବ ବୋଲି କମିଶନର ସୂଚାଇଛନ୍ତି ।

ମିଳିଥିବା ସୂଚନା ପ୍ରକାରେ,



ବିଏମ୍‌ସି ପରିସରରେ ଖୋଲିଥିବା ଟ୍ରାଫିକ କଣ୍ଟ୍ରୋଲରୁମ ।

ଏହି ଆଇଟିଏମଏସ ସିଷ୍ଟମରେ ଜନଗହଳିପୂର୍ଣ୍ଣ ଟାଟାବେଞ୍ଚ, ପିଭିଏନ୍ ରାଓ ପେଟ୍ରୋଲ ପମ୍ପ, କମାପଲ୍ଲୀ, ଗେଟବଜାର, କୋର୍ଟପେଟାରେ ଅଟୋ ଟ୍ରାଫିକ ସିଗନାଲ ଲାଇଟ ସହ ଇଣ୍ଟିଗ୍ରେଟେଡ କ୍ୟାମେରା ଲାଗିବ । ଛକକୁ ସଂଯୋଗୀକରଣ ରାସ୍ତା ଅନୁସାରେ ପ୍ରତି ରାସ୍ତା ପାଇଁ ଦୁଇଟି ଲେଖାଏ ଇଣ୍ଟିଗ୍ରେଟେଡ କ୍ୟାମେରା ଲାଗିବ । ଏବେ ସୁଦ୍ଧା କୋର୍ଟପେଟା ଛକରେ ଦୁଇଟି କ୍ୟାମେରା ଲଗାଯାଇଥିବା ବେଳେ କ୍ୟାମେରାର ଟ୍ରାୟଲ ରନ କାର୍ଯ୍ୟ ଚାଲୁ ରହିଛି । ଏହା ବ୍ୟତୀତ ୩ଟି ଛକରେ ଅଟୋ ଟ୍ରାଫିକ ସିଗନାଲ ଲାଇଟ ଖଞ୍ଜା କାର୍ଯ୍ୟ ସରିଛି । ଜୁଲାଇ ଶେଷ ସୁଦ୍ଧା ସମସ୍ତ ନିର୍ଦ୍ଧାରିତ ଛକରେ ଟ୍ରାଫିକ ସିଗନାଲ ଲାଇଟ ଓ ଇଣ୍ଟିଗ୍ରେଟେଡ କ୍ୟାମେରା ଖଞ୍ଜାଯିବା କାର୍ଯ୍ୟ ସରିବ । ସହରର ଅନ୍ୟାନ୍ୟ ପ୍ରମୁଖ ବ୍ୟବସାୟିକ ତଥା ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ୧୦୦ ଇଣ୍ଟିଗ୍ରେଟେଡ କ୍ୟାମେରା ଲଗାଯିବ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ଟ୍ରାଫିକ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥା ସୁଧାରିବା ସହ ଅପରାଧ, ପରିମଳ ବ୍ୟବସ୍ଥା ଉପରେ ମଧ୍ୟ ନଜର ରଖିହେବ ।

ସହର ରାସ୍ତାରେ ଆବର୍ଜନା ପକାଉଥିବା ତଥା ଜବରଦଖଲକାରୀଙ୍କୁ ମଧ୍ୟ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ । ତେବେ ଆଇଟିଏମଏସରେ ୩.୯ କୋଟି ଟଙ୍କା ବ୍ୟୟଅଟକଳ ହୋଇଥିବା ବେଳେ ବର୍ଷକୁ ବିଏମ୍‌ସି ପକ୍ଷରୁ ଏହାର ପରିଚାଳନା ବାବଦକୁ ୪୦ ରୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ।

**ଜୁଲାଇ ଶେଷ ସୁଦ୍ଧା କାର୍ଯ୍ୟ ଶେଷ ଲକ୍ଷ୍ୟ**

- ■ କୋର୍ଟପେଟାରେ ୨ ଇଣ୍ଟିଗ୍ରେଟେଡ କ୍ୟାମେରା
- ■ ୩ ଛକରେ ଲାଗିଲା ସିଗ୍‌ନାଲ ଲାଇଟ

# ପୋଲିସକୁ ଦୁର୍ବ୍ୟବହାର: ୨ ଠିକାଦାର ଗିରଫ, କାର ଜବତ

**ବ୍ରହ୍ମପୁର ଅଫିସ, ୧୩।୭**

ଜଣେ କାର୍ଯ୍ୟରତ ପୋଲିସ କନଷ୍ଟେବଳ ବି. ସୀମାଦ୍ରି ରାଓଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ୨ ଜଣ ଠିକାଦାରଙ୍କୁ ଗିରଫ କରିଛି। ସେମାନେ ହେଲେ ଛତ୍ରପୁର ବି. ଲିଙ୍ଗରାଜ ପାତ୍ର (୪୦) ଓ ବି. ଦଣ୍ଡପାଣି ପାତ୍ର (୩୮)। ଅଭିଯୁକ୍ତମାନେ ୨ ଭାଇ ଅଟନ୍ତି। ସେମାନେ ଗାନ୍ଧୀନଗରରେ ଘର ଭଡାନେଇ ରହୁଛନ୍ତି। ଘଟଣା ବେଳେ ସେମାନେ ବ୍ୟବହାର କରିଥିବା କାର (ନଂ. ଓଡି୦୭ଟି୮୧୧୮)କୁ ଜବତ କରାଯାଇଥିବା ଥାନାଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି। ନଂ.୧୩୮/୧୯ରେ ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ବିଶାଳ ମେଗା ମାର୍କେଟ ଛକରେ ଟ୍ରାଫିକ ଦାୟିତ୍ୱରେ କନଷ୍ଟେବଳ ବି. ସୀମାଦ୍ରୀ ରାଓ ଥିଲେ। ଉକ୍ତ ରାସ୍ତାଟି ଯାନବାହନ ଯାତାୟାତ ପାଇଁ ଏକ ପାଖିଆ ରହିଛି। ହେଲେ ଉପରୋକ୍ତ ୨ ଭାଇ ନିଜ କାରରେ ସେଠାରେ ପହଞ୍ଚି ଉକ୍ତ ରାସ୍ତା ଦେଇ ଯିବା ପାଇଁ କହିଥିଲେ। ଟ୍ରାଫିକ ପୋଲିସ ମନା କରିଥିଲେ। ୨ ଭାଇ କାର ମଝି ରାସ୍ତାରେ ରଖି ପୋଲିସ ସହିତ ଝଗଡା କରିବା ସହ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ପୋଲିସ ସୀମାଦ୍ରିଙ୍କଙ୍କ ସାର୍ଟ ଧରି ଟଣାଓଟରା କରିଥିଲେ। ପୋଲିସ ଓ ଠିକାଦାରଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ଫଳରେ ରାସ୍ତା ଅବରୋଧ ହୋଇଥିଲା। ଖବରପାଇ ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ଯାଇଥିଲେ। ପରେ ଉଭୟ ପୋଲିସ ଓ ଠିକାଦାର ଭାଇଙ୍କୁ ଟାଉନ ଥାନାକୁ ଯିବାକୁ ପଡିଥିଲା। ସେଠାରେ ପୋଲିସ କନଷ୍ଟେବଳ ରାଓ ଏନେଇ ଥାନାରେ ଅଭିଯୋଗ କରିଥିଲେ।

### ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ




ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

**ପାରଳାଖେମୁଣ୍ଡି, ୧୩।୭ (ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣୀ ବ୍ଲକ ଆଡ଼ଗାଁ ଗ୍ରାମ ବିଦ୍ୟାଳୟରେ ଇକୋକ୍ଲବ୍ ସହଯୋଗରେ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାନିଏଲ୍ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷାଣୀ ବ୍ଲକ ଶିକ୍ଷା ଅଧିକାରୀ ଠାକୁର ପ୍ରସାଦ ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସିଆର୍‌ସିସି ଟିଟି ବାବୁ, ବନ ବିଭାଗର କର୍ମଚାରୀ ନିଧି ସ୍ୱାଇଁ, ଗଙ୍ଗାଧର ଭୂୟାଁ, ରାମଚନ୍ଦ୍ର ଦଳେଇ, ୱାର୍ଡ ମେମ୍ବର ତ୍ରିବିକ୍ରମ ଯୋଗଦେଇ ବୃକ୍ଷର ମହତ୍ତ୍ୱ ଓ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସହକାରୀ ଶିକ୍ଷକ ଏସ୍. ରାମାରାଓ ଧନ୍ୟବାଦ ଦେଇଥିଲେ।

## ■ ଗଞ୍ଜାମ:୧୮ ବର୍ଷରେ ୬ଲକ୍ଷ ୬୮ ହଜାର ଜନସଂଖ୍ୟା ବୃଦ୍ଧି

# ଧାର୍ଯ୍ୟଲକ୍ଷ୍ୟଠାରୁ ଦୂରରେ ବନ୍ଧ୍ୟାକରଣ

**ବ୍ରହ୍ମପୁର ଅଫିସ୍, ୧୩।୭**

ଗଞ୍ଜାମ ଜିଲାରେ ଜନସଂଖ୍ୟା ବୃଦ୍ଧି ଚିନ୍ତାଜନକ ସ୍ଥିତିରେ ପହଞ୍ଚିଲାଣି । ୨୦୦୧ ଜନଗଣନା ବେଳେ ଜିଲାରେ ଜନସଂଖ୍ୟା ଥିଲା ୩୧ଲକ୍ଷ ୬୦ହଜାର ୬୩୫ । ହେଲେ ୨୦୧୯ ବେଳକୁ ଏହା ୩୮ଲକ୍ଷ ୨୮ହଜାର ୮୭୩ରେ ପହଞ୍ଚିଲାଣି । ଅନୁମାନ କରାଯାଉଛି ଯେ, ଦିନ ଆସିବ ଭବିଷ୍ୟତରେ ଲୋକମାନେ ରହିବା ପାଇଁ ଜାଗା କିମ୍ବା ଖାଇବା ପାଇଁ ଖାଦ୍ୟ ପାଇବେ ନାହିଁ । ଏଣୁ ବର୍ତ୍ତମାନଠାରୁ ହିଁ ଜନସଂଖ୍ୟା ନିୟନ୍ତ୍ରଣ ପ୍ରତି ସମସ୍ତେ ସଚେତନ ହେବା ଦରକାର । ଆସନ୍ତା ୧ ମାସ ପର୍ଯ୍ୟନ୍ତ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଚେତନତା, ଅସ୍ତ୍ରୋପଚାର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଇଇସି ହଲ୍‌ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଏହା ଘୋଷଣା କରାଯାଇଛି ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ଭି.ସରୋଜିନୀ ଦେବୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ଡା. ଆର୍. ଜଗଦୀଶ ପଟ୍ଟନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ)ଡା. ତୃପ୍ତିଲତା ମହାପାତ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡା. ଅବନୀ କୁମାର ପାତ୍ର ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ବୈଠକରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ, ୨୦୧୮ରେ ବିଶ୍ୱ ଜନସଂଖ୍ୟା ପକ୍ଷ ପାଳନ ଅବସରରେ ୧୫ଦିନ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ୧୫ଶହ ବନ୍ଧ୍ୟାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ମାତ୍ର ୯୧୫ ବନ୍ଧ୍ୟାକରଣ ହୋଇପାରିଛି। ୨୮୬୫ ଆଇୟୁସିଡି ଦେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୧୨୭୮ ଦିଆଯାଇଛି। ସେହିଭଳି ୧୧୭୫ଟି 'ଅନ୍ତରା'(ଗର୍ଭନିରୋଧ ଇଞ୍ଜେକ୍ସନ) ଦେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୬ଜଣ ମହିଳାଙ୍କୁ ହିଁ ଏହି ଇଞ୍ଜେକ୍ସନ ପ୍ରଦାନ କରାଯାଇଛି । ତେବେ ପୂର୍ବ ବର୍ଷଗୁଡ଼ିକରେ ମଧ୍ୟ ବନ୍ଧ୍ୟାକରଣ ସଂଖ୍ୟା ଖୁବ୍ କମ୍ ରହିଛି । ବିଶେଷକରି




ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ।

ବନ୍ଧ୍ୟାକରଣ ପ୍ରତି ପୁରୁଷଙ୍କ ଅନାଗ୍ରହ ଦେଖିବାକୁ ମିଳୁଛି। ୨୦୧୮ରେ ୮ହଜାର ୬୭୭ଜଣଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିବା ବେଳେ ସେଥିରେ ପୁରୁଷଙ୍କ ସଂଖ୍ୟା ଥିଲା ମାତ୍ର ୨୫ । ସେହିଭଳି ୨୦୧୭ରେ ୮ହଜାର ୪୩୫ଜଣଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିବା ବେଳେ ପୁରୁଷଙ୍କ ସଂଖ୍ୟା ଥିଲା ୯ । ୨୦୧୬ରେ ୮ହଜାର ୩୩୬ଜଣଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଥିଲା। ସେଥିରୁ ୫୧ଜଣ ଥିଲେ ପୁରୁଷ । ୨୦୧୫ରେ ୮ହଜାର ୯୧୬ଜଣଙ୍କ ଅସ୍ତ୍ରପଚାର ହୋଇଥିବା ବେଳେ ପୁରୁଷ ଥିଲେ ମାତ୍ର ୩୫ଜଣ । ଏଭଳି ଭାବେ ଗତ ୪ବର୍ଷ ଭିତରେ ମୋଟ ୩୪ହଜାର ୩୬୪ଜଣ ମହିଳା ଏବଂ ମାତ୍ର ୧୨୦ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରପଚାର କରିଛନ୍ତି। ତେବେ ଚଳିତ ବର୍ଷ ବନ୍ଧ୍ୟାକରଣ ସଂଖ୍ୟା ବୃଦ୍ଧି କରାଯିବ ବୋଲି ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ଭି.ସରୋଜିନୀ ଦେବୀ ପ୍ରକାଶ କରିଥିଲେ । ଜୁନ୍ ୨୭ରୁ ଜୁଲାଇ ୧୦ତାରିଖ ପର୍ଯ୍ୟନ୍ତ ଆଶା, ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ମାଧ୍ୟମରେ ଜନସଂଖ୍ୟା ବୃଦ୍ଧିର କୁପ୍ରଭାବ ଏବଂ ପରିବାର ନିୟନ୍ତ୍ରଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହା ପରେ ଜୁଲାଇ ୧୧ରୁ ୨୪ତାରିଖ ପର୍ଯ୍ୟନ୍ତ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଏବଂ ଗର୍ଭନିରୋଧ ଇଞ୍ଜେକ୍ସନ ପ୍ରଦାନ କରାଯିବ । ଚଳିତ ଥର ୧୫ଶହ ବନ୍ଧ୍ୟାକରଣ ଅସ୍ତ୍ରେପଚାର, ୨୮୬୫ ଆଇୟୁସିଡି ଏବଂ ୧୧୭୫ ଅନ୍ତରା ଇଞ୍ଜେକ୍ସନ ଦେବାକୁ ଲକ୍ଷ୍ୟ ରଖାଯାଇଛି । ମହିଳାମାନଙ୍କୁ ଗର୍ଭପାତ/ପ୍ରସବ ପରବର୍ତ୍ତୀ ଆଇୟୁସିଡି ପାଇଁ ୩ଶହ ଟଙ୍କା, ମହିଳା ବନ୍ଧ୍ୟାକରଣ ପାଇଁ ୧୪ଶହ ଟଙ୍କା, ପ୍ରସବ ପରବର୍ତ୍ତୀ ବନ୍ଧ୍ୟାକରଣ ପାଇଁ ୨୨ଶହ ଟଙ୍କା ଏବଂ ପୁରୁଷ ବନ୍ଧ୍ୟାକରଣ ପାଇଁ ୨ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶୀ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପାଣିଗ୍ରାହୀ ଚଳିତ ବର୍ଷର ସ୍ଲୋଗାନ୍ 'ପରିବାର ନିୟୋଜନ କରି ତୁଲାନ୍ତୁ ଦାୟିତ୍ୱ, ମା ଓ ଶିଶୁ ସ୍ୱାସ୍ଥ୍ୟ ପାଇଁ ରୁହନ୍ତୁ ସମ୍ପୂର୍ଣ୍ଣ ପ୍ରସ୍ତୁତ' ଉପରେ ନିଜର ମତ ରଖିଥିଲେ ।

- ■ ୪ବର୍ଷରେ ୩୪୩୬୪ମହିଳା, ୧୨୦ପୁରୁଷଙ୍କ ବନ୍ଧ୍ୟାକରଣ
- ■ ମାସେ ବ୍ୟାପୀ ଚାଲିବ ସଚେତନତା, ଅସ୍ତ୍ରୋପଚାର
- ■ 'ଅନ୍ତରା' ନେବାକୁ ମହିଳାଙ୍କୁ କରାଯିବ ସଚେତନ

## ସଂକ୍ଷେପରେ

### ମାଡ଼ ମାରିବା ଅଭିଯୋଗରେ ବାପ-ପୁଅ ଗିରଫ

**ଗୋପାଳପୁର,୧୩।୭:** ଗୋପାଳପୁର ଥାନା ପୋଲିସ ଶନିବାର ଜନୈକ ବ୍ୟକ୍ତିଙ୍କୁ ମାଡ଼ ମାରିବା ଅଭିଯୋଗରେ ବାପ ପୁଅଙ୍କୁ କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ତେରଗଞ୍ଜୁ ଗ୍ରାମର ମାଧବ ବେହେରା (୪୫) ଓ ପୁଅ ଥବୀର (୨୨)। ଏ ନେଇ ପୋଲିସ ନଂ. ୭୩/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୋପାଳପୁର ଥାନା ତେରଗଉଞ୍ଜୁ ଗ୍ରାମରେ ଗତ ୧୦ ତାରିଖରେ ନୋକାଡ଼ା ବେହେରାଙ୍କ ଭୋଜି ହେଉଥିଲା। ସେ ଗ୍ରାମର ସମସ୍ତ ଘର ବୁଲି ଭୋଜିକୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ମାଧବଙ୍କୁ ନିମନ୍ତ୍ରଣ କରିନଥିଲେ। ତେଣୁ ରାତି ପ୍ରାୟ ୮ଟାରେ ହଠାତ୍ ମାଧବ ଓ ତାଙ୍କ ପୁଅ ଥବୀର ଉତ୍ୟକ୍ତ ହୋଇ ଗ୍ରାମ ମଝିରେ ନୋକଡ଼ାଙ୍କୁ ଗାଳିଗୁଲଜ କରି ନିସ୍ତୁକ ମାଡ଼ ମାରି ଫେରାର ହୋଇଯାଇଥିଲେ। ଚିକିତ୍ସା ପରେ ନୋକଡ଼ା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ମାଧବ ଓ ଥବୀରଙ୍କୁ ଗ୍ରାମରୁ ଗିରଫ କରିଥିଲେ।

### ଗଙ୍ଗାଧର ପ୍ରାଥମିକ ସ୍କୁଲରେ ଚାରାରୋପଣ

**କବିସୂର୍ଯ୍ୟନଗର,୧୩।୭:** କବିସୂର୍ଯ୍ୟନଗର ଗଙ୍ଗାଧର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଗୋଟିଏ ଗୋଟିଏ ଚାରା ରୋପଣ କରି ତାହାକୁ ରକ୍ଷଣାବେକ୍ଷଣ ଦାୟିତ୍ୱ ନିର୍ବାହ କରିବେ ବୋଲି ଶପଥ ନେଇଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପିଲା ନିଜ ଘର ବାରିରେ ଚାରାଟିଏ ଲଗାଇବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ବୁଝାଇବା ସହ ଚାରା ରୋପଣରେ ସହଯୋଗ କରିଥିଲେ।

### ପୋଲରାଜପୁର ସ୍କୁଲରେ ବନ ମହୋତ୍ସବ

**ପାତ୍ରପୁର, ୧୩।୭(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ପୋଲରାଜପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବନୋମହତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମନ୍ତିଆପଲ୍ଲୀ ରେଞ୍ଜର ସିଦ୍ଧାର୍ଥ ସାହୁ, ବନପାଳ ଅବିନାଶ ଚୌଧୁରୀ, ପ୍ରଧାନ ଶିକ୍ଷକ ରାଜେଶ ମହାନ୍ତି, ସିଆର୍‌ସିସି କେ. ସୀମାଞ୍ଚଳ, ଶିକ୍ଷା କମିଟି ସଭାପତି ଚିନ୍ତାମଣି ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା।

# ବିକାଶ ଠାରୁ ଦୂରରେ ସିମିଝିରି, ଗୁଡ଼ିଖୋଲ ଗାଁ

ହୁରଞ୍ଜନ ସେଠୀ
ଫିରିଙ୍ଗିଆ,୧୩।୭

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଆଜିବି ବହୁ ଗ୍ରାମ ରହିଛି ଯେଉଁଠି ବିକାଶ ପହଞ୍ଚି ପାରିନାହିଁ। ଏପରି ଦୁଇଟି ଗାଁ ହେଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତର ସିମିଝିରି ଓ ଗୁଡ଼ିଖୋଲ। ବ୍ଲକ ସଦର ମହକୁମାଠାରୁ ୧୩ କିମି ଓ ପଞ୍ଚାୟତ ସଦର ମହକୁମାରୁ ୧୦ କିମି ଦୂରରେ ରହିଛି ଏହି ଦୁଇ ଗାଁ। ପାହଡ ଜଙ୍ଗଲ ଘେରା ଏହି ଦୁଇ ଗାଁରେ ରହନ୍ତି ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ପରିବାର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଲୋକ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷବାସ ମୁଖ୍ୟ ବେଉଷା। ଏହି ଦୁଇ ଗାଁକୁ ପକ୍କା ସଡକଟିଏ ନାହିଁ। ଲୋକେ ପାହାଡ ଉପର ଦେଇ ପାଦଚଲା ରାସ୍ତାରେ ଯାତାୟତ କରନ୍ତି। ବଜାର ସଉଦା, କିମ୍ବା କୌଣସି କାମରେ ପଞ୍ଚାୟତ କାର୍ଯ୍ୟାଳୟ ବା ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ହେଲେ ପ୍ରାୟ ୫ କିମି ଚାଲି ଚାଲି ଆସିବାକୁ ପଡେ।


ସିମିଝିରିକୁ ରାସ୍ତା।

ଏପରିକି ବୃଦ୍ଧାବୃଦ୍ଧ ଭତ୍ତା ପାଇଁ ପଞ୍ଚାୟତ ଅଫିସକୁ ଚାଲି ଚାଲି ଯାଉଛନ୍ତି। ଗାଁରେ କାହାର ଦେହ ଖରାପ ହେଲେ ଖଟିଆରେ ବୋହି ଫିରିଙ୍ଗିଆ ଡାକ୍ତରଖାନାକୁ ନେବାକୁ ପଡେ। ବିଜୁଳି ଆଲୁଅ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ନାହିଁ। ଗାଁ ପାଖ ଦେଇ ଯାଇଥିବା ପାହାଡି ଝରଣାରୁ ପାଣି ସଂଗ୍ରହ କରି ପିଉଛନ୍ତି। ଅଙ୍ଗନୱାଡି କିମ୍ବା ସ୍କୁଲ ମଧ ଏଠାରେ ନାହିଁ। ଫଳରେ ୨୦ରୁ ଉର୍ଦ୍ଧ୍ୱ ୫ ବର୍ଷରୁ ଛୋଟ ପିଲା ସରକାରଙ୍କ ପୌଷ୍ଟିକ ଆହାରରୁ ବଞ୍ଚିତ ଅଛନ୍ତି। କିଛି ପିଲା ୫ କିମି ଦୂର ସରୁକୋଇ ଗ୍ରାମରେ ଥିବା ସ୍କୁଲକୁ ଜଙ୍ଗଲ ରାସ୍ତା ଦେଇ ଯାଉଛନ୍ତି। ମାତ୍ର ବନ୍ୟପ୍ରାଣୀଙ୍କ ଭୟ ଯୋଗୁ ଅନେକ ପିଲା ସ୍କୁଲ ଯାଉ ନାହାନ୍ତି। ଏଭଳି ସମସ୍ୟା ମଧ୍ୟରେ ଅତି ଦୟନୀୟ ଭାବେ ଏହି ଦୁଇ ଗ୍ରାମର ଲୋକେ ରହିଛନ୍ତି ବୋଲି ଗ୍ରାମର ବିନୋଦ କହଁର, ପଟଲି କହଁର, ଦିନି ମଲ୍ଲିକ ପ୍ରମୁଖ ପ୍ରକାଶ କରିଛନ୍ତି।

ସମସ୍ୟା ନେଇ ସରପଞ୍ଚ କହ୍ନେଇ କହଁରଙ୍କୁ ପଚାରିବାରୁ ସବୁବେଳେ ପଞ୍ଚାୟତ ସମିତି ବୈଠକରେ ଏହି ସମସ୍ୟା ସମାଧାନ ପାଇଁ ପ୍ରଶ୍ନ ଉପସ୍ଥାପନ କରି ଆସୁଛି। ଏହି ଦୁଇ ଗାଁକୁ ରାସ୍ତା, ଏକ ମିନି ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ପାଇଁ ବହୁବାର ଦାବି କରିଛି। ପ୍ରତିଶ୍ରୁତି ମିଳୁଛି ହେଲେ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରୁନାହିଁ ବୋଲି କହିଛନ୍ତି। ଫିରିଙ୍ଗିଆ ବିଡିଓ ପ୍ରବୀଣ କୁମାର ବାଣୁଆଙ୍କୁ ପଚାରିବାରୁ ଏହି ଦୁଇ ଗାଁର ସମସ୍ୟା କେହି ମୋ ଦୃଷ୍ଟିକୁ ଆଣି ନାହାନ୍ତି। ସମସ୍ୟାର ଅନୁଧାନ କରି ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

■ ଜାତୀୟ ସବ ଜୁନିୟର ନେଟବଲ ଚାମ୍ପିୟନଶିପ୍

# ଭାଗ ନେବେ ଓଏଭିର ୨ ଛାତ୍ର



ମନୋନୀତ ହୋଇଥିବା ୨ ଛାତ୍ର।

**ଛତ୍ରପୁର,୧୩।୭(ଡି.ଏନ୍.ଏ.)**

ହରିୟାଣା ରାଜ୍ୟ ଭିଉଆନିର ଖରାକ-କଳିଙ୍ଗ ରୋଡରେ ଚଳିତମାସ ୧୭ ରୁ ୨୦ ତାରିଖ ପର୍ଯ୍ୟନ୍ତ ୨୫ତମ ଜାତୀୟ ସବ୍‌ଜୁନିୟର ନେଟବଲ ଚାମ୍ପିଅନସିପ ଅନୁଷ୍ଠିତ ହେବ। ସେଥିରେ ଓଡିଶା ଟିମ ଅଂଶଗ୍ରହଣ କରିବ। ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଚମାଖଣ୍ଡିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୨ ଅଷ୍ଟମ ଶ୍ରେଣୀ ଛାତ୍ର ଏହି ଟିମ୍‌ରେ ଖେଳିବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଅପୂର୍ବରଥ ଓ ରୁପେଶ ପାଣିଗ୍ରାହୀ। ୧୪ ତାରିଖରେ କଟକରେ ଉକ୍ତ ୨ ଛାତ୍ର ରିପୋର୍ଟ କରିବେ। ଏସମ୍ପର୍କରେ କଟକ ସ୍ଥିତ ଓଡିଶା ନେଟ୍‌ବଲ ଆସୋସିଏଶନର ଆସିଷ୍ଟାଣ୍ଟ ସେକ୍ରେଟାରୀ ଜି. ସୁବାଷ ସ୍ୱାମୀଙ୍କ ପକ୍ଷରୁ ଛତ୍ରପୁର ବ୍ଲକ ଚମାଖଣ୍ଡିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସପାଲଙ୍କୁ ଚିଠି ଆସିଛି।

# ଜାତୀୟ ସେବା ଶିବିର ଉଦ୍‌ଘାଟିତ

**ରାଇକିଆ,୧୩।୭(ଡ଼ି.ଏନ.ଏ)**

କନ୍ଧମାଳ ଜିଲା ରାଇକିଆ ସୁଧାକିରଣ ମହାବିଦ୍ୟାଳୟଠାରେ ଶନିବାର ଜାତୀୟ ସେବା ଯୋଜନା ଶାଖା ତରଫରୁ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ରାଇକିଆ ବିଡ଼ିଓ ରଶ୍ମିରଞ୍ଜନ ମହନ୍ତ, ଥାନା ଅଧିକାରୀ ନରେଶ ସାହୁ, ଜୀବନଜ୍ୟୋତି ମହାବିଦ୍ୟାଳୟର ଗଣିତ ବିଭାଗ ଅଧ୍ୟାପକ ସନ୍ତୋଷ ନାୟକ ଯୋଗ ଦେଇ ଛାତ୍ର ଜୀବନରେ ସମାଜ ସେବାର ପ୍ରଥମ ପାହାଚ ଏହି ଶିବିରରୁ ହିଁ ଆରମ୍ଭ ହୋଇଥାଏ ବୋଲି କହିଥିଲେ। ଏକ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି ଶିବିରରେ ପରିବେଶ ସୁରକ୍ଷା, ବୃକ୍ଷରୋପଣକୁ ପ୍ରାଥମିକତା ଦିଆଯାଇଛି। ଏଥି ସହ ବିଭିନ୍ନ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ, ସ୍ୱଚ୍ଛ ଭାରତ, ସଦଭାବନା ରାଲିର ଆୟୋଜନ ପାଇଁ ସ୍ଥିର କରାଯାଇଛି। ଶିବିରରେ ୨୩ ଜଣ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ପ୍ରୋଗ୍ରାମ ଅଫିସର ଏ.ସିଲପା ରାଓ ଶିବିର ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟାପକ ଅବିନାଶ ମହାପାତ୍ର, ଆଲଫା ବନଉଷା, ଧର୍ମେନ୍ଦ୍ର ଦିଗାଳ, ଆଲୋକ ପରିଚ୍ଛା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# ସିଆର୍‌ସିସିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଗଞ୍ଜାମ,୧୩।୭(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ପାଳିବନ୍ଧ କ୍ଲଷ୍ଟର ନୂତନ ସିଆରସିସିଙ୍କୁ ସ୍ୱାଗତ ଓ ପୁରାତନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶନିବାର ନୀଳାଦ୍ରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ ବିପିନ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ସ୍କୁଲ ସଭାପତି ଶାନ୍ତିଲତା ପାତ୍ର, ପ୍ରଶାନ୍ତ ଚୌଧୁରୀ, ଜ୍ୟୋତ୍ସ୍ନା ବେହେରା, ପର୍ଶୁରାମ ବେହେରା, ଅଭିମନ୍ୟୁ ସ୍ୱାଇଁ ଓ ମହେନ୍ଦ୍ର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ପୁରାତନ ସିଆରସିସି


ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ନୂତନ ଓ ପୁରାତନ ସିଆର୍‌ସିସି।

ନିରଞ୍ଜନ ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଏବଂ ନୂତନ ସିଆରସିସି ସୁରେନ୍ଦ୍ର ନାଥ ସେଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହିତ ଶିକ୍ଷକ ଚାକିରିରୁ ଅବସର ନେଇଥିବା ରବୀନ୍ଦ୍ର କୁମାର ପାଢ଼ୀଙ୍କୁ କ୍ଲଷ୍ଟର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାକୁ ଶିକ୍ଷକ ଶେଷଦେବ ପ୍ରଧାନ, କୃଷ୍ଣ ବାରିକ, ରଘୁନାଥ ସାହୁ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା ପଲାଇ ପରିଚାଳନା କରିଥିଲେ।

ନିଶାସକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

# କାବୁ କରି ପୋଲିସରେ ଦେଲେ ସ୍ଥାନୀୟ ଲୋକେ

**ବେଗୁନିଆପଡା,୧୩।୭(ଡି.ଏନ.ଏ.)**

ବେଗୁନିଆପଡା ଫାଣ୍ଡି କେ.ବରିଡ଼ା ଗ୍ରାମରେ ଜଣେ ନିଶାସକ୍ତ ଯୁବକଙ୍କ ଉତ୍ପାତରେ ନୟାନ୍ତ ହୋଇ ସ୍ଥାନୀୟ ଲୋକେ ତାଙ୍କୁ ପୋଲିସରେ ଦେଇଛନ୍ତି। ଯୁବକ ଜଣକ ନିଶାସକ୍ତ ହୋଇ ସବୁଦିନେ ପରିବାରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ହୋଇଥିଲା। ଶନିବାର ସେ ବାଇକ୍ ଯୋଗେ ବେଗୁନିଆପଡ଼ାରୁ ଶ୍ୱଶୁର ଘର କେ.ବରିଡ଼ାକୁ ଯାଉଥିଲେ। ସ୍ଥାନୀୟ ଫାଣ୍ଡି ଛକରେ ମଙ୍ଗଳପୁର ଗ୍ରାମର ଜଣେ ବ୍ୟକ୍ତି ରାସ୍ତା କଡରେ ଛିଡା ହୋଇଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଅଟକାଇବା ବେଳକୁ ସେ ଖସି ପଳାଇଥିଲେ। ପରେ ଯୁବକ ଜଣକ ଶ୍ୱଶୁର ଘରକୁ ଯାଇ ସ୍ତ୍ରୀଙ୍କୁ ନିସ୍ତୁକ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ। ଏହା ଦେଖି ପଡୋଶୀ ରୁଣ୍ଡ ହେବା ପରେ ସମ୍ପୃକ୍ତ ଯୁବକଙ୍କୁ ସ୍ଥାନୀୟ ଲୋକେ ବାନ୍ଧି ପୋଲିସ ଫାଣ୍ଡିରେ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଗିରଫ କରି ଫାଣ୍ଡିକୁ ନେଇଥିଲା।

# ଲୋକ ଅଦାଲତ, ୮୧ ମାମଲା ଫଇସଲା


ମାମଲାର ବିଚାର ଚାଲିଛି।

**ଭଞ୍ଜନଗର,୧୩।୭(ଡି.ଏନ.ଏ)**

ଭଞ୍ଜନଗର ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ ଶନିବାର ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୧ଟି ମାମଲାର ଫଇସଲା ହୋଇଥିଲା। ସେଥିରୁ ଦୁର୍ଘଟଣାଜନିତ ୬୦ ମାମଲାର ଫଇସଲା ହୋଇ ଆବେଦନକାରୀଙ୍କୁ ୯୧ଲକ୍ଷ ୨୩ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ଦେବାପାଇଁ ବୀମା କମ୍ପାନିକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବ୍ୟାଙ୍କ ସମ୍ପର୍କିତ ୩ ମାମଲା ଫଇସଲା କରାଯାଇ ୧୨ ଲକ୍ଷ ୬ ହଜାର ଟଙ୍କା ବକେୟା ଋଣ ବାବଦକୁ ଆଦାୟ କରାଯାଇଛି। ମାମଲାର ବିଚାରଣ ସମୟରେ ଏଡ଼ିଜେ ମହଲତ ସା, ସବ୍‌ଜଜ୍ ସ୍ରୋତସ୍ୱିନୀ କର, ଏସ୍‌ଡ଼ିଜେଏମ୍ ବେଦପ୍ରକାଶ, ଜେଏମ୍‌ଏଫସି, ଆଇନ ସହାୟତା ସଂସ୍ଥାର ସଭ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ଡ଼.ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଆଇନଜୀବୀ ସୋମନାଥ ନାୟକ, ସନ୍ତୋଷ ତିଆଡ଼ି, ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼, ସମ୍ପାଦକ ଅଶୋକ ଜେନା, ବ୍ୟାଙ୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ପତ୍ରସଂଖ୍ୟା: ୧୫୦୫ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୁଗୁଡ଼ା, ଗଞ୍ଜାମ** ତା:୦୯।୦୭।୧୯

ଏତଦ୍ୱାରା ବୁଗୁଡ଼ା ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷର ୦୧।୦୪।୨୦୧୮ରୁ ତା୩୧।୦୩।୨୦୧୯ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ଓ ଶତପ୍ରତିଶତ ମଷ୍ଟରରୋଲ ଯାଞ୍ଚ କରାଯିବ ଓ ଅଣକୁଶଳୀ ଶ୍ରମିକମାନଙ୍କ ନାମ ପଞ୍ଜୀକରଣ କରାଯାଇ ନିଯୁକ୍ତିପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର ହୋଇଅଛି ଏବଂ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ/ବିଧବା/ବିକଳାଙ୍ଗ ଭତ୍ତା ଯୋଜନାର ସାମାଜିକ ସମୀକ୍ଷା କରାଯିବ। ଏହି ସମୀକ୍ଷା ଗ୍ରାମ ଓ ଗ୍ରାମପଞ୍ଚାୟତରେ ଅନୁଷ୍ଠିତ କରାଯିବ। ଏହି ଉଭୟ ସାମାଜିକ ସମୀକ୍ଷାରେ ଧାର୍ଯ୍ୟ ସ୍ଥାନ ତାରିଖ ଓ ସମୟରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ଓ ଗ୍ରାମ ସଂଯୋଜକମାନେ ଉପସ୍ଥିତ ରହିବେ। ଏହି ଗ୍ରାମସଭାରେ ସମସ୍ତ ଜନସାଧାରଣ ନିର୍ବାଚିତ ଲୋକପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ, ଅଣକୁଶଳୀ ଅର୍ଦ୍ଧକୁଶଳୀ ଓ କୁଶଳୀ ଶ୍ରମିକମାନଙ୍କର ଯୋଗଦାନ ପାଇଁ ଅନୁରୋଧ କରାଗଲା। ଏଥିନିମନ୍ତେ ସମସ୍ତ ସରପଞ୍ଚମାନଙ୍କୁ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ପ୍ରତ୍ୟେକ ଗ୍ରାମକୁ ନୋଟିସ ଏବଂ ଡେଙ୍ଗୁରା ମାଧମରେ ପ୍ରଚାର ପାଇଁ ପରାମର୍ଶ ଦିଆଗଲା। ଗ୍ରାମସଭାର ବିବରଣୀ ରେଜିଷ୍ଟରରେ ଲିପିବଦ୍ଧ କରିବେ। ସଭାର ଫଟୋଗ୍ରାଫ୍ ନେବେ। ଗ୍ରାମସଭାର ବିବରଣୀ, ଫଟୋଗ୍ରାଫ୍ ଓ ଭିଡ଼ିଓ ସାମାଜିକ ସମୀକ୍ଷକଙ୍କଠାରେ ପେଠ କରିବେ।

| କ୍ର. ନଂ. | ପଞ୍ଚାୟତ ନାମ | ଗ୍ରାମସଭାର ସ୍ଥାନ | ଭିଆର୍‌ପିମାନଙ୍କ ଦ୍ୱାରା ରେକର୍ଡ ତଦାରଖ ଯଥା କ୍ଷେତ୍ର ପରିଦର୍ଶନ | ଗ୍ରାମସଭାର ତାରିଖ ଓ ସମୟ | ଯୋଗଦେବାକୁ ଥିବା କ୍ଷମତାପ୍ରାପ୍ତ ଅଧିକାରୀ | ତଦାରଖ ନିମନ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଭି.ଆର୍.ପି.ଙ୍କ ନାମ ଓ ଠିକଣା (ଏସ୍‌ଏଚ୍‌ଜି ଗ୍ରୁପ୍) |
|---|---|---|---|---|---|---|
| ୧ | କଳମ୍ବ | ଗ୍ରା.ପ. କାର୍ଯ୍ୟାଳୟ | ତା୧୫।୦୭।୧୯ | ତା୨୯।୦୭।୧୯, ସମୟ ଦିବା ଘ.୧୧.୦୦ମି. | WEO | ଗୀତାଞ୍ଜଳି ଦଳାଇ, ମା' ମଙ୍ଗଳା ଗ୍ରୁପ୍, ଏ କରଡ଼ାବାଡ଼ି |
| ୨ | ଖୋଲଖାଳି | | | | BSSO | ଉଦାସିନୀ ନାୟକ, ଜୟ ବଜରଙ୍ଗବାଲୀ ଗ୍ରୁପ୍, ଅରଖପୁର |
| ୩ | ଡାକରଡ଼ା | | | | FEO | ସୁନିତା ସେନାପତି, ପ୍ରେରଣା ଗ୍ରୁପ୍, ଜେଏକ୍ |
| ୪ | ଭଗବାନପୁର | | | | PA | ଜୟନ୍ତୀମାଳା ପତ୍ରା, ମା' ଠାକୁରାଣୀ, କରସିଙ୍ଗି |
| ୫ | ଭାମଶ୍ୟାଳି | | | | APO | ରିନାରାଣୀ ନାହାକ, ମା' ବାଙ୍କେଶ୍ୱରୀ ଗ୍ରୁପ୍, ପାଙ୍ଗିଡ଼ି |
| ୬ | ଗୋଳାବନ୍ଧ | | ତା୩୦।୦୭।୧୯ | ତା୧୫।୦୮।୧୯, ସମୟ ଦିବା ଘ.୧୧.୦୦ମି. | BPC | ବିଷ୍ଣୁପ୍ରିୟା ବିଶ୍ୱାଳ, ରାଧାକୃଷ୍ଣ ଗ୍ରୁପ୍, ଭାମଶ୍ୟାଳି |
| ୭ | ଅନ୍ତରପଡ଼ା | | | | BSSO | ସଂଯୁକ୍ତା ପ୍ରଧାନ, ମା' ସନ୍ତୋଷୀ ଗ୍ରୁପ୍, କଳମ୍ବ |
| ୮ | ଅରଖପୁର | | | | PA | ମାମିନି ପୋଲାଇ, କମଳାଦେବୀ ଗ୍ରୁପ୍, ଗୋଲିଆ |
| ୯ | ବି.କରଡ଼ାବାଡ଼ି | | | | APO | ଉଦାସିନୀ ନାୟକ, ଜୟ ବଜରଙ୍ଗବାଲୀ ଗ୍ରୁପ୍, ଅରଖପୁର |
| ୧୦ | କରସିଙ୍ଗି | | ତା୧୬।୦୮।୧୯ | ତା୩୦।୦୮।୧୯, ସମୟ ଦିବା ଘ.୧୧.୦୦ମି. | JFTA | ମାନେଶ୍ୱରୀ ପଣ୍ଡା, ଗୋପିନାଥଗ୍ରୁପ୍, ବିରଞ୍ଚିପୁର |
| ୧୧ | ଏ କରଡ଼ାବାଡ଼ି | | | | AE | ସଂଯୁକ୍ତା ପ୍ରଧାନ, ମା' ସନ୍ତୋଷୀ ଗ୍ରୁପ୍, କଳମ୍ବ |
| ୧୨ | ବାଲିପଦର | | | | GPEO | ବାସନ୍ତି ସାହୁ, ବର୍ଷାରାଣୀ ଗ୍ରୁପ୍, ଅନ୍ତରପଡ଼ା |
| ୧୩ | ବିରଞ୍ଚିପୁର | | | | PA | ସୁଜତା କୁମାରୀ ଗୌଡ଼, ଢୋଲିଆଣୀ ଗ୍ରୁପ୍, ବେତରାସିଙ୍ଗି |
| ୧୪ | ଗୋଲିଆ | | ତା୦୪।୦୯।୧୯ | ତା୧୮।୦୯।୧୯, ସମୟ ଦିବା ଘ.୧୧.୦୦ମି. | WEO | ରିନା ନାୟକ, ମା' ସୁନାପାଣି ଗ୍ରୁପ୍, ଘୋଳପୁର |
| ୧୫ | ଗୌଡିଆବୋରଦା | | | | BSSO | ଯାଜ୍ଞସେନୀ ସ୍ୱାଇଁ, ବିନୋଦିନୀ ଗ୍ରୁପ୍, ଗୋଳାବନ୍ଧ |
| ୧୬ | କରଚୁଲି | | | | MI | ସଂଯୁକ୍ତା ପାତ୍ର, ମା' ସିଂହବାହିନୀ ଗ୍ରୁପ୍, ଖୋଲଖାଳି |
| ୧୭ | ମୋଟାବାଡ଼ି | | | | APO | ସ୍ୱପ୍ନା କୁମାରୀ ନାୟକ, ସାଇରାମ ଗ୍ରୁପ୍, ବି କରଡ଼ାବାଡ଼ି |
| ୧୮ | ପାଙ୍ଗିଡ଼ି | | ତା୨୦।୦୯।୧୯ | ତା୦୪।୧୦।୧୯, ସମୟ ଦିବା ଘ.୧୧.୦୦ମି. | BPC | ଜାନକୀ ପ୍ରଧାନ, ମା' ବୃନ୍ଦାବତୀ ଗ୍ରୁପ୍, ମୋଟାବାଡ଼ି |
| ୧୯ | ପୋଚାଲୁଣ୍ଡି | | | | JFTA | ସଚଳା ସ୍ୱାଇଁ, ଅନନ୍ୟା ଗ୍ରୁପ୍, ବାଲିପଦର |
| ୨୦ | ମାଣିତରା | | | | GPEO | ରିନା ନାୟକ, ମା' ସୁନାପାଣି ଗ୍ରୁପ୍, ଘୋଳପୁର |
| ୨୧ | ଶଙ୍କୁରୁ | | | | MI | ସୁନିତା ସେନାପତି, ପ୍ରେରଣା ଗ୍ରୁପ୍, ଜେଏକ୍ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୁଗୁଡ଼ା, ଗଞ୍ଜାମ


# ବଜ୍ରପାତରେ ୭ ମେଣ୍ଢା ମୃତ

**ଦିଗପହଣ୍ଡି,୧୩।୭(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ବଜ୍ରପାତରେ ୭ ମେଣ୍ଢାର ମୃତ୍ୟୁ ଘଟିଛି। ଗାଁ ରୋଡ଼ ସାହି ନିକଟରେ କେ.ପୀତାମ୍ବର ପାତ୍ରଙ୍କ ୫ଟି ଓ ଏ. ଆପନାଙ୍କ ୨ଟି ମେଣ୍ଢା ଘାସ ଚରୁଥିବା ବେଳେ ବଜ୍ରପାତ ହୋଇଥିଲା। ସରପଞ୍ଚ ରବୀନ୍ଦ୍ର ନାଥ ପାଢ଼ୀଙ୍କଠାରୁ ସୂଚନା ପାଇ ଦିଗପହଣ୍ଡି ପ୍ରାଣୀ ଚିକିତ୍ସକ ଡ. ଅନିତା ଦୋରା କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମୃତ ମେଣ୍ଢାମାନଙ୍କ ବ୍ୟବଚ୍ଛେଦ କରାଇଥିଲେ। ତହସିଲଦାର ଅଦେତ୍ୟ କୁମାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ବନିତା ପାତ୍ର ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି।


ମୃତ ମେଣ୍ଢା।

# ଚାରାରୋପଣ କାର୍ଯ୍ୟକ୍ରମ



ଚାରାରୋପଣ କରାଯାଉଛି।

**ବେଗୁନିଆପଡ଼ା,୧୩।୭(ଡି.ଏନ.ଏ.):** ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଜଳ ବିଭାଜିକା ଆନୁକୂଲ୍ୟରେ ବେଗୁନିଆପଡ଼ା ବ୍ଲକ ସାଙ୍କୁଡା ପଞ୍ଚାୟତ ଚଣ୍ଡପଲ୍ଲୀ ନିକଟରେ ବନ ମହୋତ୍ସବ ସପ୍ତାହ ଶୁକ୍ରବାର ପାଳନ କରାଯାଇଛି। ଏହି ଅବସରରେ ଏମଜିଏନଆର୍‌ଇଜିଏସରେ ଚାଷୀମାନଙ୍କ ନିଜ ଜମିରେ କାଜୁ ଚାରାରୋପଣ କରାଯାଇଛି। ମୋଟ ୩୬ଜଣ ଚାଷୀଙ୍କ ୧୫.୯୫ ହେକ୍ଟର ଜମିରେ ୩,୧୯୦ କାଜୁ ଚାରା ଲଗାଯାଇଥିବା ବ୍ଲକ ସହ ମୃତ୍ତିକା ସଂରକ୍ଷଣ ଅଧିକାରିଣୀ ମୋନାଲିସା ହୋତା କହିଛନ୍ତି। କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ହଜାରୀ, କୁମୁଦ ଚନ୍ଦ୍ର ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ି, ସରପଞ୍ଚ ସନ୍ତୋଷ କୁମାର ସାହୁ, ଜଳ ବିଭାଜିକା ସମ୍ପାଦକ ବୈକୁଣ୍ଠନାଥ ସାହୁ, ହରିହର ଗ୍ରାମ୍ୟ କମିଟି ସଭାପତି ଅନୁ ସ୍ୱାଇଁ, ସଦାଶିବ ପ୍ରଧାନ, ତ୍ରିନାଥ ସାହୁ, ଗଦାଧର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଜୁରିପଡ଼ା**

**ସଂଖ୍ୟା: ୨୬୭୯** **ତାରିଖ: ୧୧।୦୭।୨୦୧୯**

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଖଜୁରିପଡ଼ା ପଞ୍ଚାୟତ ସମିତି ଦ୍ୱାରା ୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ ୨୦୧୮ ମାସଠାରୁ ମାର୍ଚ୍ଚ ୨୦୧୯ ମାସ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା କରାଯିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗ୍ରାମପଞ୍ଚାୟତ ସଦର ମହକୁମାଗୁଡ଼ିକରେ (ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ) ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଏନ୍.ଜି.ଓ., ଗ୍ରାମପଞ୍ଚାୟତ ଜବ୍‌କାର୍ଡଧାରୀ ଶ୍ରମିକ ଏବଂ ଇନ୍ଦିରା ଆବାସ ହିତାଧିକାରୀମାନେ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା। ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀ ନୋଟିସ ମାଧମରେ ଉପରୋକ୍ତ ବିଷୟରେ ବହୁଳ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା। ଏହି ବୈଠକରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜି.ଆର୍.ଏସ୍., ବି.ଏଫ୍.ଟି., ମେଟ୍ ଏବଂ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ରହି ରେକର୍ଡ ଉପସ୍ଥାପିତ କରାଇବେ।

**କାର୍ଯ୍ୟସୂଚୀ:- ଗ୍ରାମସଭା ହେବାର ସ୍ଥାନ: ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ଘ.୧୦.୦୦ଟିକା**

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ଯାଞ୍ଚ ତାରିଖ | ସାମାଜିକ ସମୀକ୍ଷା ଯାଞ୍ଚ ତାରିଖ | ଗ୍ରାମସଭା ତାରିଖ | ଯାଞ୍ଚ ଅଧିକାରୀଙ୍କ ନାମ |
|---|---|---|---|---|---|
| ୧ | ଆଡାସିପଡ଼ା | ୧୫।୦୭।୨୦୧୯-୧୮।୦୭।୨୦୧୯ | ୧୯।୦୭।୨୦୧୯-୨୮।୦୭।୨୦୧୯ | ୨୯।୦୭।୨୦୧୯ | ଏ.ପି.ଓ. |
| ୨ | ଅରାପାଜୁ | ୧୫।୦୭।୨୦୧୯-୧୮।୦୭।୨୦୧୯ | ୧୯।୦୭।୨୦୧୯-୨୪।୦୭।୨୦୧୯ | ୨୫।୦୭।୨୦୧୯ | ଡବ୍ଲ୍ୟୁ.ଇ.ଓ. |
| ୩ | ବଲସକୁମ୍ପା | ୧୫।୦୭।୨୦୧୯-୧୮।୦୭।୨୦୧୯ | ୧୯।୦୭।୨୦୧୯-୨୮।୦୭।୨୦୧୯ | ୨୯।୦୭।୨୦୧୯ | ଏ.ଇ.ଇ. |
| ୪ | ବିଲାବାଡ଼ି | ୧୫।୦୭।୨୦୧୯-୧୮।୦୭।୨୦୧୯ | ୧୯।୦୭।୨୦୧୯-୨୮।୦୭।୨୦୧୯ | ୨୯।୦୭।୨୦୧୯ | ଏମ୍.ଆଇ. |
| ୫ | ଦଳପଡ଼ା | ୧୫।୦୭।୨୦୧୯-୧୮।୦୭।୨୦୧୯ | ୧୯।୦୭।୨୦୧୯-୨୮।୦୭।୨୦୧୯ | ୨୯।୦୭।୨୦୧୯ | ପି.ଏ. |
| ୬ | ଦୁତିମେଣ୍ଡୀ | ୩୦।୦୭।୨୦୧୯-୦୨।୦୮।୨୦୧୯ | ୦୩।୦୮।୨୦୧୯-୧୨।୦୮।୨୦୧୯ | ୧୫।୦୮।୨୦୧୯ | ଏ.ପି.ଓ. |
| ୭ | ଦୁତୀପଡ଼ା | ୩୦।୦୭।୨୦୧୯-୦୨।୦୮।୨୦୧୯ | ୦୩।୦୮।୨୦୧୯-୧୨।୦୮।୨୦୧୯ | ୧୫।୦୮।୨୦୧୯ | ଡବ୍ଲ୍ୟୁ.ଇ.ଓ. |
| ୮ | ଗୁଦାରୀ | ୩୦।୦୭।୨୦୧୯-୦୨।୦୮।୨୦୧୯ | ୦୩।୦୮।୨୦୧୯-୧୨।୦୮।୨୦୧୯ | ୧୫।୦୮।୨୦୧୯ | ଏମ୍.ଆଇ. |
| ୯ | ଖଜୁରିପଡ଼ା | ୩୦।୦୭।୨୦୧୯-୦୨।୦୮।୨୦୧୯ | ୦୩।୦୮।୨୦୧୯-୧୨।୦୮।୨୦୧୯ | ୧୫।୦୮।୨୦୧୯ | ଏ.ଇ.ଇ. |
| ୧୦ | ନୂଆଗାଁ | ୩୦।୦୭।୨୦୧୯-୦୨।୦୮।୨୦୧୯ | ୦୩।୦୮।୨୦୧୯-୧୨।୦୮।୨୦୧୯ | ୧୫।୦୮।୨୦୧୯ | ପି.ଏ. |
| ୧୧ | ପିରିକୁଡ଼ି | ୧୬।୦୮।୨୦୧୯-୧୯।୦୮।୨୦୧୯ | ୨୦।୦୮।୨୦୧୯-୨୯।୦୮।୨୦୧୯ | ୩୦।୦୮।୨୦୧୯ | ଏ.ପି.ଓ. |
| ୧୨ | ସୁଡ୍ରେକୁ | ୧୬।୦୮।୨୦୧୯-୧୯।୦୮।୨୦୧୯ | ୨୦।୦୮।୨୦୧୯-୨୯।୦୮।୨୦୧୯ | ୩୦।୦୮।୨୦୧୯ | ଡବ୍ଲ୍ୟୁ.ଇ.ଓ. |
| ୧୩ | ସୁଡୃକୁମ୍ପା | ୧୬।୦୮।୨୦୧୯-୧୯।୦୮।୨୦୧୯ | ୨୦।୦୮।୨୦୧୯-୨୯।୦୮।୨୦୧୯ | ୩୦।୦୮।୨୦୧୯ | ଏମ୍.ଆଇ. |
| ୧୪ | ଟିଟ୍ରାପଙ୍ଗା | ୧୬।୦୮।୨୦୧୯-୧୯।୦୮।୨୦୧୯ | ୨୦।୦୮।୨୦୧୯-୨୯।୦୮।୨୦୧୯ | ୩୦।୦୮।୨୦୧୯ | ଏ.ଇ.ଇ. |

ସ୍ୱା./- କାର୍ଯ୍ୟକ୍ରମ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଜୁରିପଡ଼ା



DISTRICT RURAL DEVELOPMENT AGENCY, SUBARNAPUR
**Lt. No. 2508** **Date: 12.07.2019**

**Tender Call Notice**

Sealed quotations in the prescribed format are invited from the interested supplier/ manufacturer/ dealer for supply of **"Office Furniture & IT equipments under Rural Housing"** to all BPMU & DPMU of Subarnapur District. The quotation shall be received through Registered Post/ Speed Post during the official working day in the Office of the **Project Director, DRDA, Subarnapur (Rural Housing Cell)** on or before **29th July 2019 by 5.00 PM** and shall be opened on **29th July 2019 at 5.30 PM.** The details of tender papers along with the terms and conditions can be downloaded from the website http://www.subarnapur.nic.in. The tender received beyond the dateline and time mentioned above shall not be taken into consideration.

**Sd./- Project Director**
**DRDA, Subarnapur**



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିହିଡ଼ି** ପତ୍ରସଂଖ୍ୟା.୧୬୫୩, ତାରିଖ-୧୧।୦୭।୧୯:- ଏତଦ୍ୱାରା ଟିହିଡ଼ି ପଞ୍ଚାୟତ ସମିତି ଅଧିନସ୍ଥ ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(NSAP) ଦ୍ୱାରା ପ୍ରତ୍ୟେକ ଗ୍ରା.ପ., ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୮-୧୯ ଅବଧି ୦୧।୦୪।୨୦୧୮ରୁ ୩୧।୦୪।୨୦୧୯ ଆର୍ଥିକ ବର୍ଷରେ କାର୍ଯ୍ୟାକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଏବଂ ସହାୟତା କାର୍ଯ୍ୟକ୍ରମଗୁଡିକର ଶତ ପ୍ରତିଶତ ୧୦୦ଶତକଡ଼ା ମଷ୍ଟରରୋଲ ଯାଞ୍ଚ ଏବଂ ନଥିପତ୍ର ଭାଉଚର ବିଲ୍‌ଗୁଡିକର ସମୀକ୍ଷା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ଜବକାର୍ଡ ଧାରୀ ଶ୍ରମିକ, ସମସ୍ତ ହିତାଧିକାରୀ, ସମସ୍ତ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଭିଜିଲାନ୍ସ ମନିଟରିଂ କମିଟିର ସଭ୍ୟ/ସଭ୍ୟା ସ୍ୱେଚ୍ଛାସେବୀ, ଅନୁଷ୍ଠାନର କର୍ମକର୍ତା, ଗ୍ରାମ ରୋଜଗାର ସେବକ, ମେଟ୍ ବୈଷୟିକ ପରାମର୍ଶଦାତା ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ଗ୍ରାମ ପଞ୍ଚାୟତ ଗୁଡିକର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମ ସଭା | ବିଷୟ | ସ୍ଥାନ | ଯୋଗଦେବାକୁ ଥିବା ଅଧିକାରୀ |
|---|---|---|---|---|---|
| ଦୌଲତପୁର, ସିନ୍ଦୋଳ, କୋହ୍ଲ, ବାମନବିନ୍ଧା, ସାହାପୁର, ହରସିଂହପୁର | ୧୫।୦୭।୧୯ ରୁ ୧୮।୦୭।୧୯ / ୧୯।୦୭।୧୯ ରୁ ୨୯।୦୭।୧୯ | ୨୯।୦୭।୧୯ | NSAP / MGNREGS | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ |
| ଯାମୁଯୋଡ଼ି, ନରେନ୍ଦ୍ରପୁର, ରାଜନଗର, ଗୋବିନ୍ଦପୁର,ବାରସର, ଶ୍ୟାମସୁନ୍ଦରପୁର | ୩୦।୦୭।୧୯ ରୁ ୦୨।୦୮।୧୯ / ୦୩।୦୮।୧୯ ରୁ ୧୩।୦୮।୧୯ | ୧୩।୦୮।୧୯ | NSAP / MGNREGS | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ |
| ବୋଡ଼କ, ତଳଗୋପବିନ୍ଧା, ବିଲଣା, ବାହାବଲପୁର, ମଙ୍ଗଳପୁର, ସୟା | ୧୬।୦୮।୧୯ ରୁ ୧୯।୦୮।୧୯ / ୨୦।୦୮।୧୯ ରୁ ୩୧।୦୮।୧୯ | ୩୧।୦୮।୧୯ | NSAP / MGNREGS | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ |
| ବାରୋ, କୁବେରା, ଭାଟପଡ଼ା, କାଁପଡ଼ା, ଫତେପୁର, ଅଚକ | ୦୪।୦୯।୧୯ ରୁ ୦୭।୦୯।୧୯ / ୦୮।୦୯।୧୯ ରୁ ୧୮।୦୯।୧୯ | ୧୮।୦୯।୧୯ | NSAP / MGNREGS | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ |
| ମହରମପୁର, ମୁକୁନ୍ଦପୁର, ଗୁଆମାଳ, ତାଳପଦା, ଦୋଳସାହି, ନୟାନନ୍ଦ, ପାଳିଆବିନ୍ଧା | ୧୯।୦୯।୧୯ ରୁ ୨୨।୦୯।୧୯ / ୨୩।୦୯।୧୯ ରୁ ୦୩।୧୦।୧୯ | ୦୩।୧୦।୧୯ | NSAP / MGNREGS | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ |

ସ୍ୱା./- ମଣ୍ଡଳ ଉନ୍ନୟନ ଅଧିକାରୀ, ଟିହିଡ଼ି



**ପୁରୀ କୃଷି ଜିଲ୍ଲାରେ ବିହନ ବିଶୋଧନ କାର୍ଯ୍ୟକ୍ରମ-ଖରିଫ୍ ୨୦୧୯**

**'ଗାଁ ଗାଁରେ ବିହନ ବିଶୋଧନ, ନୀରୋଗ ଫସଲର ନିଶ୍ଚିତ ସମାଧାନ'**

ରାଜ୍ୟ ସରକାରଙ୍କର 'ରାଜ୍ୟ ଯୋଜନା' ଅନ୍ତର୍ଗତ 'ବିହନ ବିଶୋଧନ କାର୍ଯ୍ୟକ୍ରମ' ଚଳିତ ଖରିଫ୍ ଋତୁରେ ପୁରୀ କୃଷି ଜିଲ୍ଲାର ବିଭିନ୍ନ ଗ୍ରାମରେ ସଫଳତାର ସହ ଅନୁଷ୍ଠିତ ହେଉଅଛି। ବ୍ରହ୍ମଗିରି ବ୍ଲକ୍‌ର ୫୦ଗୋଟି ଗ୍ରାମରେ ଉକ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିବା ବେଳେ ପୁରୀ ସଦର ଓ କୃଷ୍ଣପ୍ରସାଦ ବ୍ଲକ୍‌ରେ ଏହା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନିଜର ସାଇତା ବିହନକୁ ସାମୂହିକ ଭାବରେ ବିଶୋଧନ କରାଇ ଧାନ ଫସଲକୁ ମହିଷା ରୋଗ, ପତ୍ରଚିତା, ପତ୍ର ଆଚ୍ଛାଦ ପୋଡ଼ା ଓ ପତ୍ର ଆଚ୍ଛାଦ ସଢ଼ା ଇତ୍ୟାଦି ରୋଗରୁ ପ୍ରାଥମିକ ଅବସ୍ଥାରେ ସୁରକ୍ଷା ଦେବା ଓ ରାସାୟନିକ ବିଷର ବ୍ୟବହାରକୁ କମ୍ କରିବାର ଉଦ୍ଦେଶ୍ୟ ନେଇ ଉକ୍ତ କାର୍ଯ୍ୟକ୍ରମ ଆଗେଇ ଚାଲିଛି। ଏଣୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଉକ୍ତ କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଯୋଗଦାନ କରି ବିହନ ବିଶୋଧନର କୌଶଳ ସମ୍ପର୍କରେ ଜ୍ଞାନ ଲାଭ କରନ୍ତୁ ଓ ନିଜର ଧାନ ଫସଲକୁ ବିଭିନ୍ନ ବିହନବାହୀ ଓ ମୃତ୍ତିକାବାହୀ ରୋଗ ଦାଉରୁ ସୁରକ୍ଷା ଦେବା ପାଇଁ ସାଇତା ବିହନକୁ ମାଗଣାରେ ବିଶୋଧନ କରାଇବାର ସୁଯୋଗ ନିଅନ୍ତୁ। ଏହି ମିତବ୍ୟୟୀ ପ୍ରତିଷେଧକ ବ୍ୟବସ୍ଥାକୁ ଆପଣାନ୍ତୁ ଓ ପରିବେଶକୁ ସୁରକ୍ଷା ଦିଅନ୍ତୁ।

**'ମଞ୍ଜି ଗୁଣେ ଫଳ, ତୁଠ ଗୁଣେ ଜଳ'**

ସୌଜନ୍ୟ: ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ପୁରୀ

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

**ଭଞ୍ଜନଗର,୧୩।୭(ଡି.ଏନ.ଏ.)**

ତାରସିଂ ପୋଲିସ ଶୁକ୍ରବାର ରାତିରେ ଏକ ଡ଼କାୟତି ଯୋଜନାକୁ ପଣ୍ଡ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଞ୍ଜନଗରର ଚିତ୍ତ ଚୌଧୁରୀ, ଅଜୟ ନାଇକ, ଅକ୍ଷୟ ନାୟକ ଓ କବିସୂର୍ଯ୍ୟନଗର ଥାନା ବୃନ୍ଦାବନପୁରଶାସନର ଭାସ୍କର ଦାସ। ସେମାନଙ୍କ ଠାରୁ ଗୋଟିଏ ବାଇକ୍, ୨ଟି ଖଣ୍ଡା, ୨ଟି ଛୁରି, ୧୨ଟି ମୋବାଇଲ ଫୋନ୍, ମରିଚ ଗୁଣ୍ଡ ପ୍ୟାକେଟ, ୪ଟି ଅଫୁଟା ବୋମା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର ସନ୍ଧ୍ୟାରେ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଜଡ଼ିତ ଆଉ ଜଣେ ଅପରାଧି ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ ପାଇଁ ପୋଲିସ ଚେଷ୍ଟା ଚଳାଇଛି। ଏନେଇ ତାରସିଂ ଥାନାରେ ନଂ.୯୯।୧୯ରେ ଏକ ମାମଲା ରୁଜୁହୋଇଛି। ଗିରଫ ଅଭିଯୁକ୍ତମାନେ ଭଞ୍ଜନଗର, ଗାଙ୍ଗପୁର, ଧରାକୋଟ, ବୁଗୁଡ଼ା, ଟିକାବାଲି ଓ ଚକାପାଦ ଥାନା ଅଞ୍ଚଳର ଏକାଧିକ ମାମଲାରେ ଜଡ଼ିତ ଅଛନ୍ତି। ଭଞ୍ଜନଗର ଥାନା ଅଧିକାରୀ ସୁଦିପ୍ତ କୁମାର ସାହୁ ଶନିବାର ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ତାରସିଂ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ବେଲଗୁଣ୍ଠା ଫାଣ୍ଡି ଅଧିକାରୀ ପି.କେ.ସାହୁ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

ପ୍ରକାଶଯେ, ୫ଜଣ ଅପରାଧୀ ଶୁକ୍ରବାର ରାତିରେ ତାରସିଂ ଥାନା ବାରଦଣ୍ଡା ଛକରେ ଥିବା ଯାତ୍ରୀ ବିଶ୍ରାମାଗାରରେ ଅଟକି ଡ଼କାୟତି ପାଇଁ ଯୋଜନା ଚଳାଇଥିଲେ। ତାରସିଂ ପୋଲିସ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ୪ଜଣଙ୍କୁ ପୋଲିସ କାବୁ କରିଥିବାବେଳେ ମାଷ୍ଟର ମାଇଣ୍ଡ ଅଭିଯୁକ୍ତ ଜଣଙ୍କ ବାଇକ୍‌ରେ ଫେରାର ହେବାରେ ସକ୍ଷମ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ବିଶେଷ କରି ରାସ୍ତାରେ ଯାଉଥିବା ଲୋକଙ୍କୁ ଆକ୍ରମଣ କରି ଲୁଟ୍ ମାମଲାରେ ଜଡ଼ିତ ଅଛନ୍ତି।

**ବାଇକ୍, ବୋମା, ଖଣ୍ଡା, ୧୨ ମୋବାଇଲ ଫୋନ ଜବତ**


ଖବରଦାତା ସମ୍ମିଳନୀରେ ଭଞ୍ଜନଗର, ତାରସିଂ ଥାନା ଅଧିକାରୀ ସୂଚନା ଦେଉଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର

**ଗୋପାଳପୁର,୧୩।୭**

୧୬ନଂ. ଜାତୀୟ ରାଜପଥ ହଳଦିଆପଦର ଓଭରବ୍ରିଜ ନିକଟରେ ଶନିବାର ଦୁଇ ବାଇକ୍ ମୁହାଁମୁହିଁ ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା କନେଷ୍ଟବଳ ସୁବାସ ଚନ୍ଦ୍ର ନାୟକ ଓ ବରଗଡ଼ର କାହ୍ନୁଚରଣ ସାହୁ। ସୁବାସ ବାଇକ୍ ଯୋଗେ ଅପରାହ୍ନ ୪ଟାରେ ହଳଦିଆପଦର ଆଡକୁ ଯାଉଥିବାବେଳେ ଓଭରବ୍ରିଜ ବୁଲାଣିରେ କାହ୍ନୁଙ୍କ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଗୋଷାଣୀ ନୂଆଗାଁ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଉଭୟ ଗାଡ଼ିକୁ ପୋଲିସ ଜବତ କରିଛି।

## ୪ ଘଣ୍ଟା ରାସ୍ତା ଅବରୋଧ କଲେ ଲୋକେ

**ଭାରିଯାନ ଚଳାଚଳ ବନ୍ଦ ଦାବି**

**ଛତ୍ରପୁର,୧୩।୭(ଡି.ଏନ୍.ଏ.)**

ଛତ୍ରପୁର ବ୍ଲକ କାଳିଆବାଲି ଛକରୁ ମାଟିଖାଲ ପର୍ଯ୍ୟନ୍ତ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ କରି ସ୍ଥାନୀୟ ଲୋକେ ଶନିବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଫଳରେ ବହୁ ଗାଡି ଅଟକି ରହିଥିଲା। ଛତ୍ରପୁର ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନ ଓ ଚମାଖଣ୍ଡି ଥାନା ଏଏସ୍‌ଆଇ ଆର୍. ଶଙ୍କର ରାଓ ପହଞ୍ଚି ବୁଝାଶୁଝା କରିଥିଲେ। ଆଲୋଚନାରେ ସ୍ଥାନୀୟ ସରପଞ୍ଚ ଏସ. ଚକ୍ରପାଣି ରେଡ୍ଡୀ, ଗୁରୁଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀଦିନରେ ପ୍ରଶାସନ ପକ୍ଷରୁ ତ୍ରିପାକ୍ଷିକ ଆଲୋଚନା ବୈଠକ ହେବ, ସେପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ସମସ୍ତ ଭାରିଯାନ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଲା ପରେ ଅବରୋଧ ହଟିଥିଲା। ପୋର୍ଟର ଭାରୀଯାନ ଓ ଆଇଆରଇର ଗାଡି ଉକ୍ତ ରାସ୍ତା ଦେଇ ଯାତାୟାତ କରିବାରୁ ଉକ୍ତ ରାସ୍ତା ଖାଲ ହୋଇଯାଉଛି। ତେଣୁ ରାସ୍ତାର ପୁନରୁଦ୍ଧାର ପାଇଁ ଲୋକେ ଦାବି କରିଥିଲେ। ଏଥିସହ ପାଣି ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା।


ରାସ୍ତା ଅବରୋଧ କରାଯାଇଛି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ